42. ଚିତ୍ରରେ ଦର୍ଶାଯାଇଥିବା ଲଜିକ୍ ପରିପଥ ପାଇଁ, ସତ୍ୟମାନ ସାରଣୀଟି ଅଟେ :




(1)

| A | B | Y |
|---|---|---|
| 0 | 0 | 1 |
| 0 | 1 | 0 |
| 1 | 0 | 0 |
| 1 | 1 | 0 |

(2)

| A | B | Y |
|---|---|---|
| 0 | 0 | 0 |
| 0 | 1 | 0 |
| 1 | 0 | 0 |
| 1 | 1 | 1 |

(3)

| A | B | Y |
|---|---|---|
| 0 | 0 | 0 |
| 0 | 1 | 1 |
| 1 | 0 | 1 |
| 1 | 1 | 1 |

(4)

| A | B | Y |
|---|---|---|
| 0 | 0 | 1 |
| 0 | 1 | 1 |
| 1 | 0 | 1 |
| 1 | 1 | 0 |

43. 0.5 g ପଦାର୍ଥର ଶକ୍ତି ତୁଲ୍ୟାଙ୍କ ଅଟେ :

(1) $0.5 \times 10^{13}$ J
(2) $4.5 \times 10^{16}$ J
(3) $4.5 \times 10^{13}$ J
(4) $1.5 \times 10^{13}$ J

44. ନିମ୍ନରେ ପ୍ରଦତ୍ତ କେଉଁଟି ପାଇଁ ବୋହରଙ୍କ ମଡ଼େଲ୍ **ବୈଧ** ନୁହେଁ ?

(1) ଏକକ ଆୟନୀକୃତ ନିୟନ୍ ପରମାଣୁ ($Ne^+$)

(2) ଉଦ୍ଯାନ ପରମାଣୁ

(3) ଏକକ ଆୟନୀକୃତ ହିଲିୟମ୍ ପରମାଣୁ ($He^+$)

(4) ଡ଼ିୟୁଟେରନ ପରମାଣୁ

45. ଦୁଇଟି କଠିନ ତମ୍ବା ଗୋଲକର ବ୍ୟାସାର୍ଦ୍ଧ $r_1$ ଓ $r_2$ ($r_1 = 1.5\ r_2$) କୁ, 1 K ମଧ୍ୟରେ ତାପମାତ୍ରା ବୃଦ୍ଧି କରିବା ପାଇଁ କେଉଁ ଅନୁପାତରେ ଉତ୍ତାପର ମାତ୍ରା ଦରକାର ?

(1) $\frac{5}{3}$

(2) $\frac{27}{8}$

(3) $\frac{9}{4}$

(4) $\frac{3}{2}$

46. ଗୋଟିଏ ଗଛର ଅନୁପ୍ରସ୍ଥ ଛେଦନ ଦ୍ୱାରା ନିମ୍ନଲିଖିତ ଶରୀର ଗଠନର ଲକ୍ଷଣଗୁଡ଼ିକ ଦେଖାଯାଏ :

(a) ବଣ୍ଡଲ୍ ସିଥ୍ ଦ୍ୱାରା ଆବଦ୍ଧ ହୋଇଥିବା ଅନେକଗୁଡ଼ିଏ ବିଛୁରିତ ସଂବାହୀ ବିଡ଼ା ।

(b) ବୃହତ୍ ସୁସ୍ପଷ୍ଟ ପ୍ୟାରେନ୍‌କାଇମାଟସ୍ ଭୂମି ତନ୍ତୁ ।

(c) ସଂବାହୀ ବିଡ଼ା ଗୁଡ଼ିକ ସଂଯୁକ୍ତ ଏବଂ ବନ୍ଦ ।

(d) ଫ୍ଲୋଏମ୍ ପ୍ୟାରେନ୍‌କାଇମାର ଅନୁପସ୍ଥିତ ।

ଗଛ ଏବଂ ତା'ର ଅଂଶର ପ୍ରକାରକୁ ଚିହ୍ନଟ କର :

(1) ଦ୍ୱିବୀଜପତ୍ରୀୟ ମୂଳ ।

(2) ଏକବୀଜପତ୍ରୀୟ କାଣ୍ଡ ।

(3) ଏକବୀଜପତ୍ରୀୟ ମୂଳ ।

(4) ଦ୍ୱିବୀଜପତ୍ରୀୟ କାଣ୍ଡ ।

47. ନିମ୍ନୋକ୍ତ କେଉଁଟି ମୂତ୍ର ବର୍ଦ୍ଧନ ନିବାରଣରେ ସାହାଯ୍ୟ କରିପାରିବ ?

(1) ଜେ.ଜି. କୋଷ ଦ୍ୱାରା ରେନିନ୍ ନିଃସୃତ ସ୍ୱଳ୍ପ ହେବା

(2) ଏଡ଼ିଏଚ୍ ସାଧାରଣଠାରୁ କମ୍ ନିଃସୃତ ହେବା ଯୋଗୁଁ ଅଧିକ ଜଳର ପୁନଃ ଶୋଷଣ

(3) ଆଲ୍‌ଡୋଷ୍ଟେରନ୍ ଯୋଗୁଁ ବୃକକୀୟ ନଳିକାରୁ $Na^+$ ଏବଂ ଜଳର ପୁନଃ ଶୋଷଣ

(4) ଆଟ୍ରିଆଲ ନାଟ୍ରିୟୁରେଟିକ୍ କାରକ ଭାସୋକନ୍‌ଷ୍ଟ୍ରିକ୍ସନ୍ କରାଇଥାଏ

48. ନିମ୍ନରେ ଦିଆଯାଇଥିବା କେଉଁ ଉକ୍ତିଟି **ଠିକ୍ ନୁହେଁ** ?

(1) ଆନୁବଂଶିକୀ ଅଭିଯାନ୍ତ୍ରିକୀ କୃତ ଇନ୍‌ସୁଲିନ୍ *ଇ.କୋଲିରେ* ପ୍ରସ୍ତୁତ ହୋଇଛି ।

(2) ମନୁଷ୍ୟମାନଙ୍କରେ ଇନ୍‌ସୁଲିନ୍, ପ୍ରୋ-ଇନ୍‌ସୁଲିନ୍ ଭାବେ ସଂଶ୍ଳେଷଣ ହୋଇଥାଏ ।

(3) ପ୍ରୋ-ଇନ୍‌ସୁଲିନ୍‌ର ଏକ ଅଧିକ ପେପ୍‌ଟାଇଡ୍, ସି-ପେପ୍‌ଟାଇଡ୍ ଅଛି ।

(4) କାର୍ଯ୍ୟକ୍ଷମ ଇନ୍‌ସୁଲିନ୍‌ର ଏ ଏବଂ ବି ଚେନ୍, ହାଇଡ୍ରୋଜେନ୍ ବଣ୍ଡ ଦ୍ୱାରା ଏକାଠି ସଂଯୁକ୍ତ ହୋଇ ଅଛି ।

49. ବିବର୍ତ୍ତନ ପାଇଁ ଭ୍ରୁଣର ସମ୍ବନ୍ଧୀୟ ସହଯୋଗ କାହାଦ୍ୱାରା ଅଗ୍ରାହ୍ୟ ହୋଇଥିଲା ?

(1) ଓପାରିନ୍

(2) କାର୍ଲ ଇୟରନେଷ୍ଟ ଭନ୍ ବିର

(3) ଆଲଫ୍ରେଡ୍ ୱାଲେସ୍

(4) ଚାର୍ଲସ୍ ଡ଼ାରଉଇନ୍

50. ପାକନଳୀର ଗବ୍‌ଲେଟ୍ କୋଷଗୁଡ଼ିକ କାହାଠାରୁ ପରିବର୍ତ୍ତିତ ହୋଇଛି :

(1) କମ୍ପାଉଣ୍ଡ ଏପିଥେଲିଆଲ୍ କୋଷଗୁଡ଼ିକ

(2) ସ୍କ୍ୱାମୋସ୍ ଏପିଥେଲିଆଲ୍ କୋଷଗୁଡ଼ିକ

(3) କଲ୍ୟୁମ୍‌ନାର ଏପିଥେଲିଆଲ୍ କୋଷଗୁଡ଼ିକ

(4) କଣ୍ଡ୍ରୋସାଇଟସ୍

51. ଏକ ସାଧାରଣ ଇ.ସି.ଜି.ରେ କ୍ୟୁ.ଆର୍.ଏସ୍. କମ୍ପ୍ଲେକ୍ସଟି କ'ଣ ବର୍ଣ୍ଣନା କର :

(1) ନିଳୟମାନଙ୍କର ପୁନଃଧ୍ରୁବଣ

(2) ଅଳିନ୍ଦମାନଙ୍କର ପୁନଃଧ୍ରୁବଣ

(3) ଅଳିନ୍ଦମାନଙ୍କର ବିଧ୍ରୁବଣ

(4) ନିଳୟମାନଙ୍କର ବିଧ୍ରୁବଣ

52. ଆଲୋକ ପ୍ରକ୍ରିୟାରେ ପ୍ଲାଷ୍ଟୋକୁଇନନ୍ ଇଲେକ୍ଟ୍ରନ୍‌କୁ କେଉଁଠାରୁ କେଉଁଠାକୁ ସ୍ଥାନାନ୍ତର କରିବାକୁ ସହଜ କରେ :

(1) PS-I ରୁ ATP ସିନ୍ଥେଜ୍‌କୁ

(2) PS-II ରୁ $Cytb_6f$ କମ୍ପ୍ଲେକ୍ସକୁ

(3) $Cytb_6f$ କମ୍ପ୍ଲେକ୍ସରୁ PS-Iକୁ

(4) PS-I ରୁ $NADP^+$ କୁ

53. ଶିମ୍ବଜାତୀୟ ଉଭିଦଗୁଡ଼ିକର ମୂଳ ଗଣ୍ଠିରେ ଥିବା ନାଇଟୋଜିନେଜ ଦ୍ୱାରା ପ୍ରତିକ୍ରିୟାର ଉପାଦାନ (ଗୁଡ଼ିକ) କାହା ଦ୍ୱାରା ତ୍ୱରିତ ହୁଅନ୍ତି :

(1) ଆମୋନିଆ ଏବଂ ଉଦ୍‌ଜାନ୍

(2) ଏକାକୀ ଆମୋନିଆ

(3) ଏକାକୀ ନାଇଟ୍ରେଟ୍

(4) ଆମୋନିଆ ଏବଂ ଅମ୍ଳଜାନ୍

54. ଅର୍ଦ୍ଧ ବିଭାଜନ ଅନୁଯାୟୀ ନିମ୍ନଲିଖିତ ଗୁଡ଼ିକୁ ମିଳାଅ :

| | | | |
|---|---|---|---|
| (a) | ଜାଇଗୋଟିନ୍ | (i) | ଟର୍ମିନାଲାଇଜେସନ୍ |
| (b) | ପାକାଇଟିନ୍ | (ii) | କାଏଜମାଟା |
| (c) | ଡ଼ିପ୍ଲୋଟିନ୍ | (iii) | ପାରାନ୍ତରଣ |
| (d) | ଡ଼ାଇଆକାଇନେସିସ୍ | (iv) | ଆପୁଞ୍ଜନ |

ନିମ୍ନଲିଖିତ ମଧ୍ୟରୁ **ସଠିକ୍** ଉତ୍ତରଟିକୁ ବାଛ :

| | (a) | (b) | (c) | (d) |
|---|---|---|---|---|
| (1) | (ii) | (iv) | (iii) | (i) |
| (2) | (iii) | (iv) | (i) | (ii) |
| (3) | (iv) | (iii) | (ii) | (i) |
| (4) | (i) | (ii) | (iv) | (iii) |

55. ନିମ୍ନରେ ଦିଆଯାଇଥିବା ସ୍ତମ୍ଭମାନଙ୍କୁ ମିଳାଅ ଏବଂ **ସଠିକ୍** ଉତ୍ତରଟି ବାଛି ଲେଖ ।

| | ସ୍ତମ୍ଭ - I | | ସ୍ତମ୍ଭ - II |
|---|---|---|---|
| (a) | 6 - 15 ଯୋଡ଼ା ଗିଲ୍‌ସିଲଟସ୍ | (i) | *ଟ୍ରାଇଗନ୍* |
| (b) | ହେଟେରୋସରକାଲ୍ କଡାଲ୍ ଫିନ୍ | (ii) | ସାଇକ୍ଲୋଷ୍ଟୋମସ୍ |
| (c) | ବାୟୁଥଳୀ | (iii) | କଣ୍ଡ୍ରିଚ୍‌ଥାଇସ୍ |
| (d) | ବିଷାକ୍ତ ନାହୁଡ଼ | (iv) | ଅଷ୍ଟେଇଚ୍‌ଥାଇସ୍ |

| | (a) | (b) | (c) | (d) |
|---|---|---|---|---|
| (1) | (i) | (iv) | (iii) | (ii) |
| (2) | (ii) | (iii) | (iv) | (i) |
| (3) | (iii) | (iv) | (i) | (ii) |
| (4) | (iv) | (ii) | (iii) | (i) |

56. ନିମ୍ନଲିଖିତ ମଧ୍ୟରୁ କେଉଁଟି ସୁନ୍ୟଷ୍ଟିୟ କୋଷରେ ଗ୍ଲାଇକୋପ୍ରୋଟିନ୍ ଏବଂ ଗ୍ଲାଇକୋଲିପିଡ୍ ଉତ୍ପତ୍ତିର ପ୍ରଧାନ ସ୍ଥଳ ?

(1) ପଲିଜୋମସ୍

(2) ଏଣ୍ଡୋପ୍ଲାଜମିକ୍ ରେଟିକୁଲମ୍

(3) ପେରୋକ୍ସିଜୋମସ୍

(4) ଗଲଗି ବଡ଼ିଜ୍

57. ନିମ୍ନଲିଖିତ ଅଣୁ ଜୀବକୁ ଜୈବ କୌଶଳରେ ତାଙ୍କର ବ୍ୟବହାରକୁ ମିଳାଅ ।

| | | | |
|---|---|---|---|
| (a) | *ବ୍ୟାସିଲସ୍ ଥୁରିଙ୍ଗ୍‌ଜେନେସିସ୍* | (i) | କ୍ଲୋନିଂ ଭେକ୍ଟର |
| (b) | *ଥରମସ୍ ଆକ୍ୱାଟିକସ୍* | (ii) | ପ୍ରଥମ rDNA ଅଣୁର ଗଠନରେ |
| (c) | *ଆଗ୍ରୋବ୍ୟାକଟେରିଅମ୍ ଟୁମେଫାସିଏନସ୍* | (iii) | DNA ପଲିମରେଜ୍ |
| (d) | *ସାଲ୍‌ମୋନେଲା/ ଟାଇଫିମୁରିଅମ୍* | (iv) | କ୍ରାଇପ୍ରୋଟିନସ୍ |

ନିମ୍ନରୁ **ସଠିକ୍** ଉତ୍ତରଟି ବାଛ :

| | (a) | (b) | (c) | (d) |
|---|---|---|---|---|
| (1) | (iii) | (iv) | (i) | (ii) |
| (2) | (ii) | (iv) | (iii) | (i) |
| (3) | (iv) | (iii) | (i) | (ii) |
| (4) | (iii) | (ii) | (iv) | (i) |

58. ଗୁଣସୂତ୍ରୀୟ ତତ୍ତ୍ୱ ଉତ୍ତରାଧିକରଣର ପରୀକ୍ଷମୂଳକ ସତ୍ୟତା କାହାଦ୍ୱାରା ନିର୍ଣ୍ଣୟ କରାଯାଇଥିଲା :

(1) ମରଗାନ୍

(2) ମେଣ୍ଡେଲ୍

(3) ସଟନ୍

(4) ବୋଭେରି

59. ନିମ୍ନଲିଖିତ ଉକ୍ତିକୁ ମିଳାଅ :

| | | | |
|---|---|---|---|
| (a) | ତ୍ୱରିତ କାର୍ଯ୍ୟକାରିତାକୁ ଅବରୋଧ | (i) | ରାଇସିନ୍ |
| (b) | ପେପ୍‌ଟାଇଡ୍ ବନ୍ଧ ଗୁଡ଼ିକର ଅଧିକାରୀ | (ii) | ମେଲୋନେଟ୍ |
| (c) | କବକରେ ଥିବା କୋଷଭିତ୍ତିକ ପଦାର୍ଥ | (iii) | କାଇଟିନ୍ |
| (d) | ଦ୍ୱିତୀୟକ ବୃଦ୍ଧିକାରକ | (iv) | କ୍ୟାଲୋଜେନ୍ |

ନିମ୍ନଲିଖିତ ମଧ୍ୟରୁ **ସଠିକ୍** ଉତ୍ତରଟି ବାଛ :

| | (a) | (b) | (c) | (d) |
|---|---|---|---|---|
| (1) | (ii) | (iii) | (i) | (iv) |
| (2) | (ii) | (iv) | (iii) | (i) |
| (3) | (iii) | (i) | (iv) | (ii) |
| (4) | (iii) | (iv) | (i) | (ii) |

**60.** ଦ୍ୱିପାର୍ଶ୍ୱ ପ୍ରତିସାମ୍ୟ ଏବଂ ଶରୀର ଗହ୍ୱର ନଥିବା ପ୍ରାଣୀର ଉଦାହରଣ ହେଲା :

(1) ଏନିଲିଡ଼ା

(2) ଟିନୋଫୋରା

(3) ପ୍ଲାଟିହେଲମିନ୍ଥେସ୍

(4) ଆସ୍କେଲମିନ୍ଥେସ୍

**61.** ଫ୍ଲୋରିଡ଼ିଆନ୍ ମଣ୍ଡଜର ଗଠନ ନିମ୍ନଲିଖିତ କେଉଁଟି ସହିତ ସମାନ :

(1) ଲାମିନାରିନ୍ ଏବଂ ସେଲୁଲୋଜ୍ ।

(2) ମଣ୍ଡଜ ଏବଂ ସେଲୁଲୋଜ୍ ।

(3) ଆମାଇଲୋପେକ୍‌ଟିନ୍ ଏବଂ ଗ୍ଲାଇକୋଜେନ୍ ।

(4) ମ୍ୟାନିଟଲ୍ ଏବଂ ଆଲଜିନ୍ ।

**62.** ଅନ୍ତରାବସ୍ଥାରେ $G_1$ ଅବସ୍ଥା (Gap 1) କୁ ନେଇ **ସଠିକ୍** ଉକ୍ତିଟି ଚିହ୍ନଟ କର :

(1) ନ୍ୟଷ୍ଟିୟ ବିଭାଜନ ହୋଇଥାଏ ।

(2) ଡ଼ିଏନ୍‌ଏର ସଂଶ୍ଳେଷଣ ବା ପ୍ରତିରୂପନ ହୁଏ ।

(3) ସମସ୍ତ କୋଷ ଉପାଦାନ ଗୁଡ଼ିକର ପୁର୍ନ ସଂଗଠନ ହୋଇଥାଏ ।

(4) କୋଷ ଏହାର ବିକାଶ ପାଇଁ ଆବଶ୍ୟକୀୟ ଶକ୍ତି ପ୍ରଦାନକାରୀ ରାସାୟନିକ ପ୍ରକ୍ରିୟା କରିବାରେ ସକ୍ରିୟ ଥାଏ, ବୃଦ୍ଧି ହୁଏ କିନ୍ତୁ ଏହାର ଡ଼ିଏନଏର ପ୍ରତିରୂପନ କରି ନଥାଏ ।

**63.** ଯଦି ଅସରପାର ମସ୍ତିଷ୍କ ବାହାର କରିଦିଆଯାଏ, ଏହା କିଛିଦିନ ପାଇଁ ବଞ୍ଚି ରହିପାରିବ, କାରଣ :

(1) ସ୍ନାୟବିକ ସଂସ୍ଥାନର ଏକ ତୃତୀୟାଂଶ ମସ୍ତିଷ୍କ ଧରି ରଖିଥିବା ବେଳେ ଅନ୍ୟ ସମସ୍ତ ଅଂଶ ଶରୀରର ପୃଷ୍ଠ ଭାଗରେ ଥାଏ

(2) ଅସରପାର ସୁପ୍ରା-ଓସେଫାଜିଆଲ୍ ଗାଙ୍ଗଲିଆ ଉଦରର ପେଟ ପାର୍ଶ୍ୱଭାଗରେ ଅବସ୍ଥିତ

(3) ଅସରପାର ସ୍ନାୟବିକ ସଂସ୍ଥାନ ନାହିଁ

(4) ସ୍ନାୟବିକ ସଂସ୍ଥାନର ଏକ କ୍ଷୁଦ୍ର ଅଂଶ ମସ୍ତିଷ୍କ ଧରି ରଖିଥିବା ବେଳେ ଅନ୍ୟ ସମସ୍ତ ଅଂଶ ଶରୀରର ଉଦରୀୟ ଭାଗ ସହିତ ରହିଥାଏ

**64.** ଏଣ୍ଟେରୋକାଇନେଜ୍ ବିପାଚକଟି କେଉଁ ରୂପାନ୍ତରଣରେ ସାହାଯ୍ୟ କରେ :

(1) ପେପ୍‌ସିନୋଜେନ୍ ପେପ୍‌ସିନ୍‌କୁ

(2) ପ୍ରୋଟିନ୍ ପଲିପେପ୍‌ଟାଇଡ଼୍‌କୁ

(3) ଟ୍ରିପ୍‌ସିନୋଜେନ୍ ଟ୍ରିପ୍‌ସିନ୍‌କୁ

(4) କେସିନୋଜେନ୍ କେସିନ୍‌କୁ

**65.** ନିମ୍ନରେ ଦିଆଯାଇଥିବା ସ୍ତମ୍ଭମାନଙ୍କୁ ମିଳାଅ ଏବଂ **ସଠିକ୍** ଉତ୍ତରଟି ବାଛ :

| | **ସ୍ତମ୍ଭ - I** | | **ସ୍ତମ୍ଭ - II** |
|---|---|---|---|
| (a) | ଅରଗାନ୍ ଅଫ କର୍‌ଟି | (i) | ମଧ୍ୟ କାନ ସହିତ ଗ୍ରସନୀକୁ ସଂଯୋଗ କରାଏ |
| (b) | କକ୍‌ଲିଆ | (ii) | ଲାବ୍ରିନ୍ଥର କୁଣ୍ଡଳୀ ପରି ରହିଥିବା ଅଂଶ |
| (c) | ଇଉଷ୍ଟାଚିଆନ୍ ଟ୍ୟୁବ୍ | (iii) | ଓଭାଲ୍ ଉଇଣ୍ଡୋକୁ ସଂଯୁକ୍ତ ହୋଇଥାଏ |
| (d) | ଷ୍ଟେପସ୍ | (iv) | ବାସିଲାର ଝିଲ୍ଲୀ ଉପରେ ଅବସ୍ଥିତ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (ii) | (iv) | (iii) |
| (2) | (ii) | (iii) | (i) | (iv) |
| (3) | (iii) | (i) | (iv) | (ii) |
| (4) | (iv) | (ii) | (i) | (iii) |

**66.** ଅମ୍ଳଜାନ୍‌ର ପରିବହନକୁ ଆଧାର କରି **ଭୁଲ୍** ଉକ୍ତିଟି ଚିହ୍ନଟ କର :

(1) କୋଟରିକା ମଧ୍ୟରେ ସ୍ୱଳ୍ପ $pCO_2$, ଅକ୍ସିହିମୋଗ୍ଲୋବିନ୍ ତିଆରି କରିବାରେ ସମର୍ଥନ କରିଥାଏ ।

(2) ହିମୋଗ୍ଲୋବିନ୍ ସହିତ ଅମ୍ଳଜାନ ବାନ୍ଧି ହେବା, ମୁଖ୍ୟତଃ ଅମ୍ଳଜାନର ଆଂଶିକ ଚାପ ସହିତ ସମ୍ପୃକ୍ତ ।

(3) ଅଙ୍ଗାରକାମ୍ଳର ଆଂଶିକ ଚାପ, ହିମୋଗ୍ଲୋବିନ୍ ସହିତ ଅମ୍ଳଜାନ ବାନ୍ଧି ହେବାରେ ହସ୍ତକ୍ଷେପ କରିପାରେ ।

(4) ଅକ୍ସିହିମୋଗ୍ଲୋବିନ୍ ତିଆରି କରିବା ପାଇଁ, କୋଟରିକାରେ ଥିବା $H^+$ ସାନ୍ଦ୍ରତା ସମର୍ଥନ କରିଥାଏ ।

**67.** ଜଳ ହାୟାସିନ୍ଥ ଏବଂ ଜଳ କଇଁରେ ପରାଗଣ ନିମ୍ନଲିଖିତ କାହା ମାଧ୍ୟମରେ ହୁଏ :

(1) କୀଟ ଏବଂ ଜଳ

(2) କୀଟ କିମ୍ୱା ପବନ

(3) ଜଳର ସ୍ରୋତ କେବଳ

(4) ପବନ ଏବଂ ଜଳ

**68.** *ବାସିଲସ୍ ଥୁରିନ୍‌ଜିଏନ୍‌ସିସ୍* (Bt)ର ବିଷଯୁକ୍ତ ଜିନ୍‌ର ପ୍ରବର୍ତ୍ତନ ଦ୍ୱାରା ବିକଶିତ ହୋଇଥିବା କପା ପ୍ରଜାତିଟି କାହାର ପ୍ରତିରୋଧକ ?

(1) କୀଟ ପତଙ୍ଗ ଖାଉଥିବା ଜୀବ

(2) କୀଟପତଙ୍ଗ ଜାତୀୟ ପିଡ଼କ କୀଟ

(3) କବକ ଜାତ ରୋଗ

(4) ଉଦ୍ଭିଦ ନେମାଟୋଡ଼ସ୍

69. **ସଠିକ୍** ଉକ୍ତିଟି ବାଛ :

(1) ହାଇପରଗ୍ଲାଇସେମିଆ ସହିତ ଇନ୍‌ସୁଲିନ୍‌ର ସମ୍ପର୍କ ରହିଛି ।

(2) ଗ୍ଲୁକୋନିଓଜେନେସିସ୍‌କୁ ଗ୍ଲୁକୋକରଟିକଏଡ଼ସ୍ ଉତ୍ତେଜିତ କରାଏ ।

(3) ହାଇପୋଗ୍ଲାଇସେମିଆ ସହିତ ଗ୍ଲୁକାଗନ୍‌ର ସମ୍ପର୍କ ରହିଛି ।

(4) ଇନ୍‌ସୁଲିନ୍ ଅଗ୍ନ୍ୟାଶୟ କୋଷ ଏବଂ ଆଡ଼ିପୋସାଇଟ୍ ଉପରେ କାର୍ଯ୍ୟ କରେ ।

70. ନିମ୍ନରେ ଦିଆଯାଇଥିବା ମାନଙ୍କ ମଧ୍ୟରୁ ମୌଳିକ ଏମିନୋ ଏସିଡ୍‌ଟିକୁ ଚିହ୍ନଟ କର :

(1) ଭାଲିନ୍

(2) ଟାଇରୋସିନ୍

(3) ଗ୍ଲୁଟାମିକ୍ ଏସିଡ୍

(4) ଲାଇସିନ୍

71. ପେଙ୍ଗୁଇନ୍ ଓ ଡଲ୍‌ଫିନ୍‌ର ଡ଼େଣା କାହାର ଉଦାହରଣ :

(1) ପ୍ରାକୃତିକ ଚୟନ

(2) ଅନୁକୂଳୀ ବିକିରଣ

(3) ଅଭିସାରି ବିବର୍ତ୍ତନ

(4) ଇଣ୍ଡଷ୍ଟ୍ରିଆଲ୍ ମେଲାନିଜିମ୍

72. ଏସ୍.ଏଲ୍. ମିଲର ତାଙ୍କ ପରୀକ୍ଷାରେ ନିମ୍ନୋକ୍ତ କେଉଁ ଗୁଡ଼ିକୁ ଗୋଟିଏ ବନ୍ଦ ଥିବା ଫ୍ଲାସ୍କରେ ମିଶାଇ ଆମିନୋଏସିଡ୍ ଉତ୍ପନ୍ନ କରିଥିଲେ ?

(1) $CH_3$, $H_2$, $NH_3$ ଏବଂ ଜଳୀୟ ବାଷ୍ପ 600°C ରେ ମିଶାଇ ।

(2) $CH_4$, $H_2$, $NH_3$ ଏବଂ ଜଳୀୟ ବାଷ୍ପ 800°C ରେ ମିଶାଇ ।

(3) $CH_3$, $H_2$, $NH_4$ ଏବଂ ଜଳୀୟ ବାଷ୍ପ 800°C ରେ ମିଶାଇ ।

(4) $CH_4$, $H_2$, $NH_3$ ଏବଂ ଜଳୀୟ ବାଷ୍ପ 600°C ରେ ମିଶାଇ ।

73. EcoRI ଦ୍ୱାରା ଚିହ୍ନଟ ହୋଇଥିବା ନିର୍ଦ୍ଦିଷ୍ଟ ପାଲିନ୍‌ଡ୍ରୋମିକ୍ ଅନୁକ୍ରମଟି ହେଲା :

(1) 5' - GGATCC - 3'
3' - CCTAGG - 5'

(2) 5' - GAATTC - 3'
3' - CTTAAG - 5'

(3) 5' - GGAACC - 3'
3' - CCTTGG - 5'

(4) 5' - CTTAAG - 3'
3' - GAATTC - 5'

74. ଉଦ୍ଭିଦ ଦ୍ୱାରା ଉତ୍ପନ୍ନ ହେଉଥିବା ଦ୍ୱିତୀୟକ ଶରୀର ବୃଦ୍ଧିକାରକ ଯଥା: ନିକୋଟିନ୍, ଷ୍ଟ୍ରିଚ୍‌ନାଇନ୍ ଏବଂ କାଫିନ୍ ନିମ୍ନଲିଖିତ କେଉଁଥି ପାଇଁ ଥାଆନ୍ତି :

(1) ପ୍ରଜନନ ଉପରେ ପ୍ରଭାବ

(2) ପୁଷ୍ଟିକର ମୂଲ୍ୟ

(3) ଅଭିବୃଦ୍ଧି ପ୍ରତିକ୍ରିୟା

(4) ପ୍ରତିରକ୍ଷା କାର୍ଯ୍ୟ

75. ନିମ୍ନଲିଖିତ କେଉଁ ଅବସ୍ଥାର ଉପସ୍ଥିତି ମୂତ୍ରରେ ହେଲେ ତାହା ମଧୁମେହକୁ ଦର୍ଶାଏ ?

(1) ବୃକ୍‌କୀୟ କାଲ୍‌କୁଲି ଏବଂ ହାଇପରଗ୍ଲାଇସେମିଆ

(2) ୟୁରେମିଆ ଏବଂ କିଟୋନୁରିଆ

(3) ୟୁରେମିଆ ଏବଂ ବୃକ୍‌କୀୟ କାଲ୍‌କୁଲି

(4) କିଟୋନୁରିଆ ଏବଂ ଗ୍ଲାଇକୋସୁରିଆ

76. କର୍ଡ଼ାଟା ପର୍ବ ପାଇଁ ନିମ୍ନଲିଖିତ କେଉଁ ଉକ୍ତି ଗୁଡ଼ିକ **ସତ୍ୟ** ଅଟେ ?

(a) ଇଉରୋକର୍ଡ଼ାଟା ମାନଙ୍କରେ ପୃଷ୍ଠରଜ୍ଜୁ ମସ୍ତିଷ୍କରୁ ଲାଞ୍ଜ ପର୍ଯ୍ୟନ୍ତ ଲମ୍ବିଥାଏ ଏବଂ ଏହା ସେମାନଙ୍କର ଜୀବନ କାଳର ସବୁ ସମୟରେ ଉପସ୍ଥିତ ଥାଏ ।

(b) ଭଟିବ୍ରାଟାମାନଙ୍କରେ କେବଳ ଭ୍ରୂଣ ଅବସ୍ଥାରେ ପୃଷ୍ଠରଜ୍ଜୁ ଥାଏ ।

(c) କେନ୍ଦ୍ରୀୟ ସ୍ନାୟବିକ ସଂସ୍ଥାନ ପୃଷ୍ଠଭାଗରେ ଥାଏ ଏବଂ ପୋଲା ।

(d) କର୍ଡ଼ାଟାକୁ ତିନୋଟି ଅନୁପର୍ବ: ହେମିକର୍ଡ଼ାଟା, ଟ୍ୟୁନିକାଟା ଏବଂ ସେଫାଲୋକଡ଼ାଟାରେ ବିଭକ୍ତ କରାଯାଇଛି ।

(1) (b) ଏବଂ (c)

(2) (d) ଏବଂ (c)

(3) (c) ଏବଂ (a)

(4) (a) ଏବଂ (b)

77. କେଉଁଠାରେ ମାଇକ୍ରୋଭିଲ୍ଲୀର ବ୍ରସ ବର୍ଡ଼ର ଥିବା ଘନାକାର ଆବରଣ (ଏପିଥେଲିୟମ୍) ଥାଏ ?

(1) ଇଉଷ୍ଟାଚିଆନ୍ ଟ୍ୟୁବ୍

(2) ଅନ୍ତ୍ରନଳୀ (ଇଣ୍ଟେସ୍‌ଟାଇନ୍)ର ଅନ୍ତରାଚ୍ଛାଦନ

(3) ଲାଳଗ୍ରନ୍ଥିର ବାହିକାଗୁଡ଼ିକ

(4) ନେଫ୍ରନର ପ୍ରକ୍ସିମାଲ କନ୍‌ଭୋଲ୍ୟୁଟେ ଟ୍ୟୁବୁଲ୍

78. ନିମ୍ନରେ ଦିଆଯାଇଥିବା ସ୍ତମ୍ଭଗୁଡ଼ିକୁ ମିଳାଅ ଏବଂ **ସଠିକ୍** ଉତ୍ତରଟି ବାଛ ।

| | ସ୍ତମ୍ଭ - I | | ସ୍ତମ୍ଭ - II |
|---|---|---|---|
| (a) | *କ୍ଲୋଷ୍ଟ୍ରିଡ଼ିୟମ୍ ବ୍ୟୁଟିଲିକମ୍* | (i) | ସାଇକ୍ଲୋସ୍ପୋରିନ୍-ଏ |
| (b) | *ଟ୍ରାଇକୋର୍ଡ଼ମା ପଲିସ୍ପୋରମ୍* | (ii) | ବ୍ୟୁଟିରିକ୍ ଅମ୍ଳ |
| (c) | *ମୋନାସ୍କସ୍ ପର୍‌ପୁରିଅସ୍* | (iii) | ସାଇଟ୍ରିକ୍ ଅମ୍ଳ |
| (d) | *ଆସ୍‌ପର୍‌ଜିଲସ୍ ନାଇଜର୍* | (iv) | ରକ୍ତରେ କ୍ଲୋରେଷ୍ଟେରଲ୍ କମାଉଥିବା ଦୂତ |

| | (a) | (b) | (c) | (d) |
|---|---|---|---|---|
| (1) | (iv) | (iii) | (ii) | (i) |
| (2) | (iii) | (iv) | (ii) | (i) |
| (3) | (ii) | (i) | (iv) | (iii) |
| (4) | (i) | (ii) | (iv) | (iii) |

79. ନିମ୍ନଲିଖିତ କେଉଁ ଉକ୍ତିଟି ଭିରିୟଡ୍‌ସ୍ ସମ୍ବନ୍ଧୀୟ **ସଠିକ୍** ଅଟେ ?

(1) ସେମାନଙ୍କର ପୁଷ୍ଟିସାର ଆବରଣବିହୀନ DNA ଥାଏ ।

(2) ସେମାନଙ୍କର ପୁଷ୍ଟିସାର ଆବରଣଯୁକ୍ତ RNA ଥାଏ ।

(3) ସେମାନଙ୍କର ପୁଷ୍ଟିସାର ଆବରଣବିହୀନ RNA ଥାଏ ।

(4) ସେମାନଙ୍କର ପୁଷ୍ଟିସାର ଆବରଣଯୁକ୍ତ DNA ଥାଏ ।

80. ଡ଼ିମ୍ବକର ଶରୀର ଫନିକିଲ୍ ଭିତରେ କାହା ସହିତ ବନ୍ଧିତ ହୋଇଥାଏ :

(1) ଚାଲାଜା

(2) ହିଲମ୍

(3) ମାଇକ୍ରୋପାଇଲ୍

(4) ନ୍ୟୁସେଲସ୍

81. ଆଲୋକ ଶ୍ୱଶନରେ RuBisCo (ରୁବିସ୍କୋ) ବିପାଚକର ଅମ୍ଳଜାନ ଯୋଗାଣ କାର୍ଯ୍ୟକାରିତା ନିମ୍ନଲିଖିତ କେଉଁଟିର ଗଠନକୁ ପ୍ରଭାବିତ କରେ :

(1) 4-C ଯୌଗିକର 1ଟି ଅଣୁ ଏବଂ 2-C ଯୌଗିକର ୧ଟି ଅଣୁ ।

(2) 3-C ଯୌଗିକର 2ଟି ଅଣୁ ।

(3) 3-C ଯୌଗିକର 1ଟି ଅଣୁ ।

(4) 6-C ଯୌଗିକର 1ଟି ଅଣୁ ।

82. ନିମ୍ନରେ ଦିଆଯାଇଥିବା ସ୍ତମ୍ଭ ଗୁଡ଼ିକୁ ମିଳାଅ ଏବଂ **ସଠିକ୍** ଉତ୍ତରଟି ବାଛ :

| | ସ୍ତମ୍ଭ - I | | ସ୍ତମ୍ଭ - II |
|---|---|---|---|
| (a) | ଇଓସିନୋଫିଲସ୍ | (i) | ପ୍ରତିରକ୍ଷିତ ପ୍ରତିକ୍ରିୟା |
| (b) | ବେସୋଫିଲସ୍ | (ii) | ଫାଗୋସାଇଟସ୍ |
| (c) | ନିଉଟ୍ରୋଫିଲସ୍ | (iii) | ହିଷ୍ଟାମାଇନେଜ୍, ଧ୍ୱଂସାତ୍ମକ ବିପାଚକ ନିର୍ଗତ କରେ |
| (d) | ଲିମ୍ଫୋସାଇଟସ୍ | (iv) | ହିଷ୍ଟାମାଇନ୍ ଥିବା କଣିକା ନିର୍ଗତ କରେ |

| | (a) | (b) | (c) | (d) |
|---|---|---|---|---|
| (1) | (ii) | (i) | (iii) | (iv) |
| (2) | (iii) | (iv) | (ii) | (i) |
| (3) | (iv) | (i) | (ii) | (iii) |
| (4) | (i) | (ii) | (iv) | (iii) |

83. ନିମ୍ନଲିଖିତ କେଉଁ 'ହର୍‌ମୋନ୍ ମାତ୍ରା' ଗ୍ରାଫିଆନ୍ ଫଲିକିଲ୍‌ରୁ ଡ଼ିମ୍ବାଣୁ ନିର୍ଗତ (ଡ଼ିମ୍ବୋଦୟ) କରାଏ ?

(1) ଏଫ୍.ଏସ୍.ଏଚ୍. ର ସ୍ୱଳ୍ପ ସାନ୍ଦ୍ରତା

(2) ଇଷ୍ଟ୍ରୋଜେନ୍‌ର ଉଚ୍ଚ ସାନ୍ଦ୍ରତା

(3) ପ୍ରୋଜେସ୍‌ଟେରନ୍‌ର ଉଚ୍ଚ ସାନ୍ଦ୍ରତା

(4) ଏଲ୍.ଏଚ୍. ର ସ୍ୱଳ୍ପ ସାନ୍ଦ୍ରତା

84. ପ୍ରଶ୍ୱାସ ସମୟରେ ହେଉଥିବା ଘଟଣା ଗୁଡ଼ିକର **ସଠିକ୍** ଚୟନ କର ।

(a) ମଧ୍ୟଛଦାର ସଂକୋଚନ

(b) ବାହ୍ୟ ଇଣ୍ଟରକଷ୍ଟାଲ୍ ପେଶୀର ସଂକୋଚନ

(c) ଫୁସ୍‌ଫୁସୀୟ ଆୟତନ କମିଯାଏ

(d) ଫୁସ୍‌ଫୁସ୍‌ର ଭିତର ଚାପ ବଢ଼ିଯାଏ

(1) କେବଳ (d)

(2) (a) ଏବଂ (b)

(3) (c) ଏବଂ (d)

(4) (a), (b) ଏବଂ (d)

85. ନିମ୍ନରେ ଦିଆଯାଇଥିବା କେଉଁ କୌଶଳରେ ଗର୍ଭଧାରଣ କରିପାରୁନଥିବା ମହିଳା ମାନଙ୍କୁ ସହାୟତା କରିବା ପାଇଁ ଭ୍ରୁଣ ମାନଙ୍କୁ ସ୍ଥାନାନ୍ତର କରାଯାଏ ?

(1) GIFT ଏବଂ ICSI

(2) ZIFT ଏବଂ IUT

(3) GIFT ଏବଂ ZIFT

(4) ICSI ଏବଂ ZIFT

86. ମନୁଷ୍ୟ ଶରୀର ମଧ୍ୟରେ ପ୍ରବେଶ କରୁଥିବା *ପ୍ଲାସ୍‌ମୋଡ଼ିୟମ୍‌ର ରୋଗ* ସୃଷ୍ଟିକାରୀ ଅବସ୍ଥାଟି ହେଲା :

(1) ପୁରୁଷ-ଯୁଗ୍ମକ ଜନକ

(2) ଟ୍ରଫୋଜଏଟସ୍

(3) ସ୍ପୋରୋଜଏଟସ୍

(4) ସ୍ତ୍ରୀ-ଯୁଗ୍ମକ ଜନକ

87. ନିମ୍ନରେ ଦିଆଯାଇଥିବା ସ୍ତମ୍ଭ ଗୁଡ଼ିକୁ ମିଳାଅ ଏବଂ **ସଠିକ୍** ଉତ୍ତରଟି ବାଛ :

| | ସ୍ତମ୍ଭ - I | | ସ୍ତମ୍ଭ - II |
|---|---|---|---|
| (a) | ଭ୍ରୁଣ ବନ୍ଧ | (i) | ଆଣ୍ଡ୍ରୋଜେନସ୍ |
| (b) | ଜୋନା ପେଲୁସିଡ଼ା | (ii) | ହ୍ୟୁମ୍ୟାନ୍ କୋରିଓନିକ୍ ଗୋନାଡ଼ୋଟ୍ରୋପିନ୍ (ଏଚ୍.ସି.ଜି.) |
| (c) | ଭଲ୍‌ଭୋ ୟୁରେଥ୍ରାଲ୍ ଗ୍ରନ୍ଥି ଗୁଡ଼ିକ | (iii) | ଡ଼ିମ୍ବାଣୁର ସ୍ତର |
| (d) | ଲେଡ଼ିଗ୍ କୋଷଗୁଡ଼ିକ | (iv) | ପୁରୁଷ ଲିଙ୍ଗକୁ ପିଚ୍ଛିଳ କରିବା |

| | (a) | (b) | (c) | (d) |
|---|---|---|---|---|
| (1) | (ii) | (iii) | (iv) | (i) |
| (2) | (iv) | (iii) | (i) | (ii) |
| (3) | (i) | (iv) | (ii) | (iii) |
| (4) | (iii) | (ii) | (iv) | (i) |

88. **ସଠିକ୍** ମେଳକଟିକୁ ବାଛ :

(1) ଥାଲାସେମିଆ - X ଯୁକ୍ତ

(2) ହେମୋଫିଲିଆ - Y ଯୁକ୍ତ

(3) ଫେନାଇଲ୍‌କିଟୋନୁରିଆ - ଅଟୋଜୋମାଲ୍ ପ୍ରଭାବୀ ଲକ୍ଷଣ

(4) ସିକିଲ୍ କୋଷ ରକ୍ତହୀନତା - ଅଟୋଜୋମାଲ୍ ଅପ୍ରଭାବୀ ଲକ୍ଷଣ (ଗୁଣସୂତ୍ର-11)

89. ନିମ୍ନଲିଖିତ କେଉଁ ଉକ୍ତିଟି **ସଠିକ୍** ଅଟେ ?

(1) ଆଡ଼େନାଇନ୍ ଥାଇଆମିନ୍ ସହିତ ସଂଯୁକ୍ତ ନୁହେଁ ।

(2) ଦୁଇଟି H-ବନ୍ଧ ମଧ୍ୟଦେଇ ଥାଇଆମିନ୍ ସହିତ ଆଡ଼େନାଇନ୍‌ର ସଂଯୁକ୍ତ ।

(3) ଗୋଟିଏ H-ବନ୍ଧ ମଧ୍ୟଦେଇ ଆଡ଼େନାଇନ୍ ସହିତ ଥାଇଆମିନ୍‌ର ସଂଯୁକ୍ତ ।

(4) ତିନୋଟି H-ବନ୍ଧ ମଧ୍ୟଦେଇ ଥାଇଆମିନ୍ ସହିତ ଆଡ଼େନାଇନ୍‌ର ସଂଯୁକ୍ତ ।

90. ନିମ୍ନଲିଖିତ ମାନଙ୍କ ମଧ୍ୟରୁ କେଉଁ ପୁଷ୍ଟିସାରଟି ପ୍ରାଣୀମାନଙ୍କରେ ଅତିମାତ୍ରାରେ ରହିଥାଏ ?

(1) ଇନ୍‌ସୁଲିନ୍

(2) ହିମୋଗ୍ଲୋବିନ୍

(3) କୋଲାଜେନ୍

(4) ଲେକ୍‌ଟିନ୍

91. ନିମ୍ନଲିଖିତ ମଧ୍ୟରୁ କେଉଁ ଯୋଡ଼ାଟି ଏକକୋଷୀୟ ଶୈବାଳ ଅଟନ୍ତି ?

(1) *କ୍ଲୋରେଲୋ* ଏବଂ *ସ୍ପାଇରୁଲିନା*

(2) *ଲାମିନାରିଆ* ଏବଂ *ସାରାଗାସମ୍*

(3) *ଜେଲିଡ଼ିୟମ୍* ଏବଂ *ଗ୍ରାସିଲାରିଆ*

(4) *ଆନାବିନା* ଏବଂ *ଭଲଭକ୍ସ*

92. ଦୁଇଟି ପିଢିକୁ (ଗୋଟିଏ ଭିତରେ ଅନ୍ୟଟି) ଧରି ରଖିଥିବା ଉଦ୍ଭିଦର ଅଂଶଟି :

(a) ପରାଗ କୋଷ ଭିତରେ ପରାଗ ରେଣୁ ।

(b) ଅଙ୍କୁରୋଦ୍‌ଗମିତ ପରାଗ ରେଣୁ ସହିତ ଦୁଇଟି ପୁଂଯୁଗ୍ମକ ।

(c) ଫଳ ଭିତରେ ମଞ୍ଜି ।

(d) ଡ଼ିମ୍ବକ ଭିତରେ ଭ୍ରୂଣାଶୟ ।

(1) (a) ଏବଂ (d)

(2) (a) କେବଳ

(3) (a), (b) ଏବଂ (c)

(4) (c) ଏବଂ (d)

93. **ଭୁଲ୍** ଉକ୍ତିଟିକୁ ବାଛ :

(1) ଟ୍ୟାନିନସ୍, ରେସିନସ୍, ତୈଳ ପ୍ରଭୃତି ଜମା ହୋଇଥିବା କାରଣରୁ ମଞ୍ଜକାଠଟି ଗାଢ଼ ରଙ୍ଗ ହୋଇଥାଏ ।

(2) ମଞ୍ଜକାଠ ଜଳ ପରିବହନ କରେନାହିଁ କିନ୍ତୁ ଯାନ୍ତ୍ରିକ ସହାୟତା ଦିଏ ।

(3) ଶୁଷ୍କ କାଠ ମୂଳରୁ ପତ୍ରକୁ ଜଳ ଏବଂ ଖଣିଜ ଦ୍ରବ୍ୟ ପରିବହନରେ ସଂଶ୍ଳିଷ୍ଟ ଥାଏ ।

(4) ଶୁଷ୍କ କାଠଟି ହାଲୁକା ରଙ୍ଗ ଏବଂ ଅନ୍ତରତମ ଦ୍ୱିତୀୟକ ଜାଇଲେମ୍ ଅଟେ ।

94. କେଉଁ କୌଶଳ ଦ୍ୱାରା ବିକାନିର ଇଉଜ୍ ଏବଂ ମାରିନୋ ରାମିଙ୍କୁ ବ୍ୟବହାର କରାଯାଇ ମେଣ୍ଢାର ଏକ ନୂତନ ପ୍ରଜାତି 'ହିସାରଡ଼େଲ୍' ସୃଷ୍ଟି ହୋଇଛି ?

(1) ଅନ୍ତଃ ପ୍ରଜନନ

(2) ଆଉଟ୍ କ୍ରସିଙ୍ଗ୍

(3) ମ୍ୟୁଟେସ୍‌ନାଲ୍ ବ୍ରିଡ଼ିଙ୍ଗ୍

(4) କ୍ରସ୍ ବ୍ରିଡ଼ିଙ୍ଗ୍

**95.** କେତେଗୁଡ଼ିଏ ବିଭାଜିତ କୋଷ, କୋଷ ଚକ୍ରରୁ ପ୍ରସ୍ଥାନ କରନ୍ତି ଏବଂ ଅଙ୍ଗୀୟ ନିଷ୍କ୍ରିୟ ଅବସ୍ଥାରେ ପ୍ରବେଶ କରନ୍ତି । ଏହାକୁ କୁଇସେଣ୍ଟ୍ ଅବସ୍ଥା ($G_0$) କୁହାଯାଏ । ଏହି ପ୍ରକ୍ରିୟାଟି ନିମ୍ନୋକ୍ତ କେଉଁ ଅବସ୍ଥାର ପରିଶେଷରେ ଘଟିଥାଏ :

(1) $G_2$ ଫେଜ୍

(2) M ଫେଜ୍ (ଅବସ୍ଥା)

(3) $G_1$ ଫେଜ୍

(4) S ଫେଜ୍

**96.** ମନୁଷ୍ୟର ପାକ ତନ୍ତ୍ରକୁ ଆଧାର କରି **ସଠିକ୍** ଉକ୍ତିଟି ଚିହ୍ନଟ କର ।

(1) ଭର୍ମିଫର୍ମ ଆପେଣ୍ଡିକ୍ସ ଗ୍ରହଣୀରୁ ବାହାରିଥାଏ ।

(2) ଇଲିୟମ୍ କ୍ଷୁଦ୍ରାନ୍ତ୍ରକୁ ଖୋଲିଥାଏ ।

(3) ପାକନଳୀର ସବୁଠୁ ଭିତରେ ଥିବା ସ୍ତରଟି ହେଉଛି ସେରୋସା ।

(4) ଇଲିୟମ୍ ହେଉଛି ଏକ ଅଧିକ ଗୁଡ଼ାଇ ହୋଇ ରହିଥିବା ଅଂଶ ।

**97.** ଅନ୍ଥ୍ରୋପୋଜେନିକ୍ କାର୍ଯ୍ୟପ୍ରକ୍ରିୟାରୁ ସୃଷ୍ଟି ହେଉଥିବା ପରିବେଶର ପରିବର୍ତ୍ତନ ଯୋଗୁଁ ବିବର୍ତ୍ତିତ ହୋଇଥିବା ଜୀବମାନଙ୍କର ଉଦାହରଣ ନିମ୍ନରେ ଦିଆଯାଇଥିବା କେଉଁଟିକୁ ଦର୍ଶାଉଛି ?

(a) ଗାଲାପାଗୋସ୍ ଦ୍ୱୀପର ଡାରଉଇନ୍ସ୍ ଫିନ୍‌ଚେସ୍

(b) ତୃଣନାଶକ ଔଷଧକୁ ପ୍ରତିରୋଧ କରିପାରୁଥିବା ବଣୁଆ ଗୁଳ୍ମ

(c) ଔଷଧକୁ ପ୍ରତିରୋଧ କରିପାରୁଥିବା ସୁନ୍ୟସ୍କିୟ ପ୍ରାଣୀ

(d) ମନୁଷ୍ୟ ସୃଷ୍ଟି କରିଥିବା ଶ୍ୱାନ ପରି ଗୃହପାଳିତ ପଶୁମାନଙ୍କର ପ୍ରଜାତି

(1) କେବଳ (d)

(2) କେବଳ (a)

(3) (a) ଏବଂ (c)

(4) (b), (c) ଏବଂ (d)

**98.** ନିମ୍ନରେ ଦିଆଯାଇଥିବା ସ୍ତମ୍ଭ ଗୁଡ଼ିକୁ ମିଳାଅ ଏବଂ **ସଠିକ୍** ଉତ୍ତରଟି ବାଛ ।

| | **ସ୍ତମ୍ଭ - I** | | **ସ୍ତମ୍ଭ - II** |
|---|---|---|---|
| (a) | ପୋଷ ଗ୍ରନ୍ଥି | (i) | ଗ୍ରାଭିସ୍ ରୋଗ |
| (b) | ଗଳଗ୍ରନ୍ଥି | (ii) | ମଧୁମେହ |
| (c) | ଅଧିବୃକ୍କ ଗ୍ରନ୍ଥି | (iii) | ବହୁମୂତ୍ର |
| (d) | ଅଗ୍ନ୍ୟାଶୟ | (iv) | ଏଡ଼ିସନ୍ସ୍ ରୋଗ |

| | (a) | (b) | (c) | (d) |
|---|---|---|---|---|
| (1) | (ii) | (i) | (iv) | (iii) |
| (2) | (iv) | (iii) | (i) | (ii) |
| (3) | (iii) | (ii) | (i) | (iv) |
| (4) | (iii) | (i) | (iv) | (ii) |

**99.** ଯୌନକ୍ରିୟା ଦ୍ୱାରା ସଞ୍ଚାରିତ ହେଉଥିବା ସମସ୍ତ ରୋଗକୁ ମିଶାଇ ସଠିକ୍ ଉତ୍ତରଟି ଚୟନ କର :

(1) କର୍କଟ ରୋଗ (କ୍ୟାନ୍‌ସର), ଏଡ଼ସ୍, ସିଫିଲିସ୍

(2) ପ୍ରମେହ, ସିଫିଲିସ୍, ଜେନିଟାଲ୍ ହରପିସ୍

(3) ପ୍ରମେହ, ମ୍ୟାଲେରିଆ, ଜେନିଟାଲ୍ ହରପିସ୍

(4) ଏ.ଆଇ.ଡ଼ି.ଏସ୍. (ଏଡ଼ସ୍), ମ୍ୟାଲେରିଆ, ଫାଇଲେରିଆ

**100.** ଗୋଟିଏ ସାଇଟ୍ରିକ୍ ଏସିଡ୍ ଚକ୍ରର ଘୂର୍ଣ୍ଣନରେ କେତେଗୋଟି ଅଧଃସ୍ତର ଫସଫରୀକରଣ ହୁଏ :

(1) ତିନି

(2) ଶୂନ୍ୟ

(3) ଏକ

(4) ଦୁଇ

**101.** ମନ୍‌ଟ୍ରିଲ୍ ପ୍ରୋଟୋକଲ୍ 1987ରେ କାହାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱାକ୍ଷରିତ ହୋଇଥିଲା :

(1) ଇ- ବର୍ଯ୍ୟବସ୍ତୁଗୁଡ଼ିକୁ ଫୋପାଡ଼ି ଦେବା ।

(2) ଗୋଟିଏ ଦେଶରୁ ଅନ୍ୟ ଦେଶକୁ ବଂଶଗତ ଭାବେ ପରିବର୍ତ୍ତିତ ହୋଇଥିବା ଜୀବମାନଙ୍କର ପରିବହନକୁ ।

(3) ଓଜୋନ୍ ହ୍ରାସକାରୀ ପଦାର୍ଥଗୁଡ଼ିକର ଉତ୍ସର୍ଜନକୁ ।

(4) ସବୁଜ ଗୃହ ଗ୍ୟାସ୍‌ର ନିର୍ଗତକୁ ।

**102.** ନିମ୍ନରେ ଦିଆଯାଇଥିବା ଉଦ୍ଭିଦ ସହିତ ଜଡ଼ିତ ଥିବା ଦରକାରୀ ଉପାଦାନ ଏବଂ ସେମାନଙ୍କର କାର୍ଯ୍ୟକ୍ରମକୁ ମିଳାଅ :

| | | | |
|---|---|---|---|
| (a) | ଲୌହ | (i) | ଜଳର ଆଲୋକ ବିଶ୍ଳେଷଣ |
| (b) | ଜିଙ୍କ୍ | (ii) | ପରାଗ ଅଙ୍କୁରୋଦଗମ୍ |
| (c) | ବୋରନ୍ | (iii) | ହରିତ୍ ଲବକର ଜୈବ ସଂଶ୍ଲେଷଣ ପାଇଁ ଦରକାରୀ |
| (d) | ମାଙ୍ଗାନିଜ୍ | (iv) | IAA ର ଜୈବ ସଂଶ୍ଲେଷଣ |

**ସଠିକ୍** ଉତ୍ତରଟି ବାଛ :

| | (a) | (b) | (c) | (d) |
|---|---|---|---|---|
| (1) | (iv) | (i) | (ii) | (iii) |
| (2) | (ii) | (i) | (iv) | (iii) |
| (3) | (iv) | (iii) | (ii) | (i) |
| (4) | (iii) | (iv) | (ii) | (i) |

**103.** ନିମ୍ନରେ ଦିଆଯାଇଥିବା ସ୍ତମ୍ଭମାନଙ୍କୁ ମିଳାଅ ଏବଂ **ସଠିକ୍** ଉତ୍ତରଟି ବାଛ ।

| | ସ୍ତମ୍ଭ - I | | ସ୍ତମ୍ଭ - II |
|---|---|---|---|
| (a) | ସଂଘପ୍ରିୟ, ପଲିଫାଗସ୍ ପୀଡ଼କ କୀଟ | (i) | *ଆସ୍ଟେରିଆସ୍* |
| (b) | ପରିଣତ ବୟସରେ ଅରୀୟ ପ୍ରତିସାମ୍ୟ ଏବଂ ଲାର୍ଭା ସମୟରେ ଦ୍ୱିପାର୍ଶ୍ୱ ପ୍ରତିସାମ୍ୟ | (ii) | ସ୍କରପିଅନ୍ |
| (c) | ବୁକ୍‌ଲଙ୍ଗସ୍ | (iii) | *ଟିନୋପ୍ଲାନା* |
| (d) | ଜୈବଦୀପ୍ତି | (iv) | *ଲୋକୋଷ୍ଟା* |

| | (a) | (b) | (c) | (d) |
|---|---|---|---|---|
| (1) | (ii) | (i) | (iii) | (iv) |
| (2) | (i) | (iii) | (ii) | (iv) |
| (3) | (iv) | (i) | (ii) | (iii) |
| (4) | (iii) | (ii) | (i) | (iv) |

**104.** ରବର୍ଟ ମେ'ଙ୍କ ଅନୁସାରେ ଭୂମଣ୍ଡଳୀୟ ଜାତିର ବିଭିଧତାର ପରିମାଣ କେତେ ?

(1) 7 ମିଲିୟନ୍

(2) 1.5 ମିଲିୟନ୍

(3) 20 ମିଲିୟନ୍

(4) 50 ମିଲିୟନ୍

**105.** ରେ ଫ୍ଲୋରେଟସ୍‌ରେ ନିମ୍ନଲିଖିତ କେଉଁଟି ଥାଏ ?

(1) ଅର୍ଦ୍ଧ ଅପକୃଷ୍ଟ ଗର୍ଭାଶୟ

(2) ଅପକୃଷ୍ଟ ଗର୍ଭାଶୟ

(3) ଉଚ୍ଚତର ଗର୍ଭାଶୟ

(4) ହାଇପୋଗାଇନସ୍ (ଫଳିକାଚକ୍ରର ନିମ୍ନ ଭାଗରେ) ଗର୍ଭାଶୟ

**106.** ଯଦି ଦୁଇଟି କ୍ରମାଗତ ଭାବେ ରହିଥିବା ବେସ୍ ପେୟାର ମଧ୍ୟରେ ଦୂରତା 0.34 nm ହୁଏ ଏବଂ ଏକ ପ୍ରକାର ଗତ ଭାବେ ସ୍ତନ୍ୟପାୟୀ କୋଷର ଡ଼ି.ଏନ୍.ଏ. ଡ଼ବଲ୍ ହେଲିକ୍ସରେ ସମୁଦାୟ ବେସ୍ ପେୟାରର ସଂଖ୍ୟା $6.6 \times 10^9$ ବି.ପି. ହୁଏ, ତେବେ ଡ଼ିଏନ୍‌ଏର ଦୈର୍ଘ୍ୟ ପ୍ରାୟତଃ ହେବ :

(1) 2.7 ମିଟରସ୍

(2) 2.0 ମିଟରସ୍

(3) 2.5 ମିଟରସ୍

(4) 2.2 ମିଟରସ୍

**107.** ନିମ୍ନଲିଖିତ ସ୍ତମ୍ଭ ଗୁଡ଼ିକୁ ମିଳାଅ ଏବଂ **ସଠିକ୍** ଉତ୍ତରଟି ବାଛ ।

| | ସ୍ତମ୍ଭ - I | | ସ୍ତମ୍ଭ - II |
|---|---|---|---|
| (a) | ବି.ଟି. କପା | (i) | ଜିନ୍ ଚିକିତ୍ସା ପଦ୍ଧତି |
| (b) | ଆଡ଼େନୋସିନ୍ ଡ଼ିଆମିନେଜ୍‌ରେ ସ୍ୱଳ୍ପତା | (ii) | କୋଷୀୟ ପ୍ରତିରକ୍ଷା (ସେଲୁଲାର୍ ଡ଼ିଫେନ୍ସ୍) |
| (c) | ଆର୍.ଏନ୍.ଏ.ଆଇ. (RNAi) | (iii) | ଏଚ୍.ଆଇ.ଭି. ସଂକ୍ରମଣକୁ ଖୋଜି ବାହାର କରିବା |
| (d) | ପି.ସି.ଆର୍. | (iv) | *ବାସିଲସ୍ ଥୁରିନ୍‌ଜିଏନ୍‌ସିସ୍* |

| | (a) | (b) | (c) | (d) |
|---|---|---|---|---|
| (1) | (i) | (ii) | (iii) | (iv) |
| (2) | (iv) | (i) | (ii) | (iii) |
| (3) | (iii) | (ii) | (i) | (iv) |
| (4) | (ii) | (iii) | (iv) | (i) |

**108.** ଘାସଭୂମି ପରିସଂସ୍ଥାରେ ଥିବା ଖାଦ୍ୟସ୍ତରକୁ ସେମାନଙ୍କର ଜାତିର ଉଦାହରଣ ସହିତ ମିଶାଅ ।

| | | | |
|---|---|---|---|
| (a) | ଚତୁର୍ଥ ଖାଦ୍ୟସ୍ତର | (i) | କୁଆ |
| (b) | ଦ୍ୱିତୀୟ ଖାଦ୍ୟସ୍ତର | (ii) | ଶାଗୁଣା |
| (c) | ପ୍ରଥମ ଖାଦ୍ୟସ୍ତର | (iii) | ଠେକୁଆ |
| (d) | ତୃତୀୟ ଖାଦ୍ୟସ୍ତର | (iv) | ଘାସ |

**ସଠିକ୍** ଉତ୍ତରଟି ବାଛ :

| | (a) | (b) | (c) | (d) |
|---|---|---|---|---|
| (1) | (i) | (ii) | (iii) | (iv) |
| (2) | (ii) | (iii) | (iv) | (i) |
| (3) | (iii) | (ii) | (i) | (iv) |
| (4) | (iv) | (iii) | (ii) | (i) |

**109.** ନିମ୍ନରେ ଦିଆଯାଇଥିବା ରୋଗ ଗୁଡ଼ିକୁ ସେମାନେ ସୃଷ୍ଟି ହୋଇଥିବା ଜୀବମାନଙ୍କ ସହିତ ମିଳାଅ ଏବଂ **ସଠିକ୍** ଉତ୍ତରଟି ବାଛ :

| | ସ୍ତମ୍ଭ - I | | ସ୍ତମ୍ଭ - II |
|---|---|---|---|
| (a) | ଟାଇଫଏଡ଼ | (i) | *ଉଚେରେରିଆ* |
| (b) | ନିଉମୋନିଆ | (ii) | *ପ୍ଲାଜ୍‌ମୋଡ଼ିୟମ୍* |
| (c) | ଫାଇଲାରିଆସିସ୍ | (iii) | *ସାଲ୍‌ମୋନେଲା* |
| (d) | ମ୍ୟାଲେରିଆ | (iv) | *ହେମୋଫିଲସ୍* |

| | (a) | (b) | (c) | (d) |
|---|---|---|---|---|
| (1) | (iv) | (i) | (ii) | (iii) |
| (2) | (i) | (iii) | (ii) | (iv) |
| (3) | (iii) | (iv) | (i) | (ii) |
| (4) | (ii) | (i) | (iii) | (iv) |

**110.** କାଣ୍ଡର ନିମ୍ନ ଭାଗରୁ ଉତ୍ପନ୍ନ ହେଉଥିବା ମୂଳଗୁଡ଼ିକୁ କ'ଣ କୁହାଯାଏ ?

(1) ପାର୍ଶ୍ୱ ମୂଳ

(2) ତନ୍ତୁଜାତୀୟ ମୂଳ

(3) ପ୍ରଧାନ ମୂଳ

(4) ସ୍ତମ୍ଭ ମୂଳ

**111.** ଦ୍ୱିତୀୟକ ଡ଼ିମ୍ବାଣୁ କୋଷର ଅର୍ଦ୍ଧ ବିଭାଜନ ସମ୍ପୂର୍ଣ୍ଣ ହୁଏ :

(1) ଗୋଟିଏ ଡ଼ିମ୍ବାଣୁ ସହିତ ଗୋଟିଏ ଶୁକ୍ରାଣୁର ସମ୍ମିଳନ ସମୟରେ

(2) ଡ଼ିମ୍ବୋଦୟ ପୂର୍ବରୁ

(3) ସଙ୍ଗମ କ୍ରିୟା ସମୟରେ

(4) ଯୁଗ୍ମଜ ସୃଷ୍ଟି ହେବା ପରେ

**112.** ରେଷ୍ଟ୍ରିକ୍ସନ୍ ବିପାଚକ ସମ୍ବନ୍ଧରେ **ଭୁଲ୍** ଉକ୍ତିଟି ଚିହ୍ନଟ କର ।

(1) ଡ଼ି.ଏନ୍.ଏ. ଲାଇଗେଜ୍ ବ୍ୟବହାର କରି ଅଠାଳିଆ ଶେଷ ମୁଣ୍ଡକୁ ସଂଯୋଗ କରାଯାଇପାରେ ।

(2) ଗୋଟିଏ ଡ଼ି.ଏନ୍.ଏ. ଅନୁକ୍ରମର ଦୈର୍ଘ୍ୟକୁ ପରୀକ୍ଷା କରି ପ୍ରତ୍ୟେକ ରେଷ୍ଟ୍ରିକ୍ସନ୍ ବିପାଚକ କାର୍ଯ୍ୟ କରନ୍ତି ।

(3) ସେମାନେ ପାଲିନ୍ଡ୍ରୋମିକ୍ ସ୍ଥାନରେ ଡ଼ି.ଏନ୍.ଏ.ର ଷ୍ଟ୍ରାଣ୍ଡକୁ କାଟିଥାଆନ୍ତି ।

(4) ସେମାନଙ୍କୁ ଆନୁବଂଶିକ ଅଭିଯାନ୍ତ୍ରିକୀରେ ବ୍ୟବହାର କରାଯାଏ ।

**113.** ଏକ ପରିସଂସ୍ଥାର ମୋଟ ପ୍ରାଥମିକ ଉତ୍ପାଦନ ଏବଂ ପକୃତ ପ୍ରାଥମିକ ଉତ୍ପାଦନ ସମ୍ବନ୍ଧୀୟ ନିମ୍ନଲିଖିତ କେଉଁ ଉକ୍ତିଟି **ସଠିକ୍** ଅଟେ ?

(1) ମୋଟ ପ୍ରାଥମିକ ଉତ୍ପାଦନ ଏବଂ ପକୃତ ପ୍ରାଥମିକ ଉତ୍ପାଦନ ମଧ୍ୟରେ କୌଣସି ସମ୍ପର୍କ ନାହିଁ ।

(2) ମୋଟ ପ୍ରାଥମିକ ଉତ୍ପାଦନ ସବୁବେଳେ ପ୍ରକୃତ ପ୍ରାଥମିକ ଉତ୍ପାଦନ ତୁଳନାରେ କମ୍ ଥାଏ ।

(3) ମୋଟ ପ୍ରାଥମିକ ଉତ୍ପାଦନ ସବୁବେଳେ ପକୃତ ପ୍ରାଥମିକ ଉତ୍ପାଦନ ତୁଳନାରେ ଅଧିକ ଥାଏ ।

(4) ମୋଟ ପ୍ରାଥମିକ ଉତ୍ପାଦନ ଏବଂ ପକୃତ ପ୍ରାଥମିକ ଉତ୍ପାଦନ ଗୁଡ଼ିକ ଗୋଟିଏ ଏବଂ ସମାନ ଥାଏ ।

**114.** ବୃଦ୍ଧି ପ୍ରକ୍ରିୟା କେଉଁ ସମୟରେ ଅଧିକା ହୁଏ :

(1) ପ୍ରସୁପ୍ତି

(2) ଲଗ୍ ଫେଜ୍

(3) ଲ୍ୟାଗ୍ ଫେଜ୍

(4) ବୃଦ୍ଧାବସ୍ଥା

**115.** ଭେକ୍ଟରରେ ଥିବା ଅବିକଳ ସଂଯୋଜିତ DNAର ନକଲକୁ ନିୟନ୍ତ୍ରଣ କରୁଥିବା ପ୍ରକ୍ରିୟାଟିକୁ କ'ଣ କୁହାଯାଏ :

(1) ରେକଗ୍ନିସନ୍ ସାଇଟ୍

(2) ସିଲେକ୍ଟେବୁଲ୍ ମାରକର

(3) ଅକ୍ସି ସାଇଟ୍

(4) ପାଲିନ୍ଡ୍ରୋମିକ୍ ପ୍ରକ୍ରିୟା

**116.** ନକଲ (ଟ୍ରାନ୍ସକ୍ରିପ୍ସନ୍) ସମୟରେ ଯେଉଁ ବିପାଚକଟି ଡ଼ି.ଏନ୍.ଏ. ହେଲିକ୍ସ ଖୋଲିବାକୁ ସହଜ କରାଏ ତାହାର ନାମ ଦିଅ-

(1) ଆର.ଏନ୍.ଏ. ପଲିମରେଜ୍

(2) ଡ଼ି.ଏନ୍.ଏ. ଲାଇଗେଜ୍

(3) ଡ଼ି.ଏନ୍.ଏ. ହେଲିକେଜ୍

(4) ଡ଼ି.ଏନ୍.ଏ. ପଲିମରେଜ୍

**117.** ଅଣ୍ଟାର୍ଟିକାରେ ହେଉଥିବା ସ୍ନୋ-ବ୍ଲାଇଣ୍ଡନେସ୍ ରୋଗ କେଉଁ କାରଣରୁ ହୁଏ :

(1) ଅବଲୋହିତ ରଶ୍ମି ଦ୍ୱାରା ରେଟିନା ନଷ୍ଟ ହୋଇଯିବା

(2) ନିମ୍ନ ତାପମାତ୍ରା ଦ୍ୱାରା ଆଖିରେ ରସଗୁଡ଼ିକ ଘନିଭୂତ ହୋଇଯିବା

(3) ଅତ୍ୟଧିକ ମାତ୍ରାର UV-B ବିକିରଣ କାରଣରୁ କେରୋନାର ଫୁଲିଯିବା

(4) ବରଫରୁ ଆସୁଥିବା ଅତ୍ୟଧିକ ପ୍ରତିଫଳିତ ଆଲୋକ

**118.** କେଉଁଥିରେ ସ୍ଟ୍ରୋବିଲି କିମ୍ବା କୋନ୍ ଗୁଡ଼ିକ ଦେଖାଯାଏ :

(1) *ଇକ୍ୟୁଜିଟମ୍*

(2) *ସାଲ୍‌ଭିନିଆ*

(3) *ଟେରିସ୍*

(4) *ମାରକାନ୍ସିଆ*

**119.** ନିମ୍ନରେ ଦିଆଯାଇଥିବା ସ୍ତମ୍ଭଗୁଡ଼ିକୁ ମିଳାଅ ଏବଂ **ସଠିକ୍** ଉତ୍ତରଟି ବାଛ :

| | **ସ୍ତମ୍ଭ - I** | | **ସ୍ତମ୍ଭ - II** |
|---|---|---|---|
| (a) | ଫ୍ଲୋଟିଙ୍ଗ୍ ପଞ୍ଜରାହାଡ଼ | (i) | ଦ୍ୱିତୀୟ ଏବଂ ସପ୍ତମ ପଞ୍ଜରାହାଡ଼ ମଧ୍ୟରେ ଅବସ୍ଥିତ |
| (b) | ଆକ୍ରୋମିନ୍ | (ii) | ହ୍ୟୁମେରସ୍‌ର ଅଗ୍ରଭାଗ |
| (c) | ସ୍କାପୁଲା | (iii) | କ୍ଲାଭିକିଲ୍ |
| (d) | ଗ୍ଲିନ୍‌ଏଡ୍ କାଭିଟି | (iv) | ଷ୍ଟରନମ୍ ସହିତ ସଂଯୋଗ କରିନଥାଏ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (iii) | (i) | (ii) |
| (2) | (ii) | (iv) | (i) | (iii) |
| (3) | (i) | (iii) | (ii) | (iv) |
| (4) | (iii) | (ii) | (iv) | (i) |

**120.** ନିମ୍ନଲିଖିତ କେଉଁଟି ଅପଜୀବୀ ଆବର୍ଜନାରେ ଦିଆଗଲେ, ପରବର୍ତ୍ତୀ ନର୍ଦ୍ଦମା ସଫା ପାଇଁ ଏହା ଜୀର୍ଣ୍ଣକାରକ ?

(1) ସକ୍ରିୟ ଆବର୍ଜନା

(2) ପ୍ରାଥମିକ ଆବର୍ଜନା (ସ୍ଲଜ୍)

(3) ଭାସମାନ ଆବର୍ଜନା (ଡେବ୍ରିସ୍)

(4) ପ୍ରାଥମିକ ସଫେଇ (ଟ୍ରିଟ୍‌ମେଣ୍ଟ)ରୁ ନିର୍ଗତ ଦ୍ରବ୍ୟ

**121.** ଏ.ବି.ଓ. ରକ୍ତ ବର୍ଗକୁ ନିୟନ୍ତ୍ରଣ କରୁଥିବା ଜିନ୍ 'I' କୁ ଆଧାର କରି **ଭୁଲ୍** ଉକ୍ତିଟିକୁ ଚିହ୍ନଟ କର :

(1) ଯୁଗ୍ମ ବିକଳ୍ପୀ 'i' କୌଣସି ସୁଗାର ପ୍ରସ୍ତୁତ କରି ନଥାଏ ।

(2) ଜିନ୍ (I) ର ତିନୋଟି ଯୁଗ୍ମ ବିକଳ୍ପୀ ଅଛି ।

(3) ଜଣେ ବ୍ୟକ୍ତି ତିନୋଟି ଯୁଗ୍ମ ବିକଳ୍ପୀ ମଧ୍ୟରୁ କେବଳ ଦୁଇଟି ଧାରଣ କରିପାରିବ ।

(4) ଯେତେବେଳେ $I^A$ ଏବଂ $I^B$ ଏକତ୍ର ରହିଥାନ୍ତି, ସେମାନେ ସମାନ ପ୍ରକାରର ସୁଗାର ପ୍ରକାଶ କରିଥାନ୍ତି ।

**122.** ନିମ୍ନଲିଖିତ କେଉଁଟିରେ ଅର୍ଦ୍ଧ ଅପକୃଷ୍ଟ ଗର୍ଭାଶୟ ଥାଏ ?

(1) ପ୍ଲମ୍

(2) ବାଇଗଣ

(3) ସୋରିଷ

(4) ସୂର୍ଯ୍ୟମୁଖୀ

**123.** ସ୍ଥାନାନ୍ତରଣ (ରୂପାନ୍ତରଣ)ର ପ୍ରଥମ ଅବସ୍ଥାଟି ହେଉଛି :

(1) ଗୋଟିଏ ଆଣ୍ଟିକୋଡ଼ନ୍‌ର ଚିହ୍ନ ।

(2) ରାଇବୋଜୋମ୍ ଦ୍ୱାରା mRNAକୁ ବାନ୍ଧି ରଖେ ।

(3) DNA ଅଣୁର ଚିହ୍ନ ।

(4) tRNAର ଆମିନୋସାଇଲେସନ୍ ।

**124.** ଜେଲ୍ ଇଲେକ୍ଟ୍ରୋଫୋରେସିସ୍‌ରେ ପୃଥକ୍ ହୋଇଥିବା DNA ଖଣ୍ଡ ଗୁଡ଼ିକ ନିମ୍ନଲିଖିତ କାହାର ସାହାଯ୍ୟ ଦ୍ୱାରା ଦେଖାଯାଆନ୍ତି :

(1) ଇଥିଡ଼ିୟମ୍ ବ୍ରୋମାଇଡ଼୍‌ରେ ଅଲଟ୍ରା ରେଡ଼୍ ବିକିରଣ

(2) ଏସିଟୋକାରାମାଇନ୍‌ରେ ଉଜ୍ଜ୍ୱଳ ନୀଳ ଆଲୋକରେ

(3) UV ବିକିରଣରେ ଇଥିଡ଼ିୟମ୍ ବ୍ରୋମାଇଡ଼୍

(4) ଏସିଟୋକାରମିନ୍‌ରେ UV ବିକିରଣ

**125.** ସିନାପ୍‌ଟୋନେମାଲ୍ କମ୍ପ୍ଲେକ୍ସ କେଉଁ ସମୟରେ ଭାଙ୍ଗି ନଷ୍ଟ ହୋଇଯାଇଥାଏ :

(1) ଲେପ୍‌ଟୋଟିନ୍

(2) ପାକିଟିନ୍

(3) ଜାଇଗୋଟିନ୍

(4) ଡ଼ିପ୍ଲୋଟିନ୍

**126.** ନିମ୍ନଲିଖିତ ମଧ୍ୟରୁ କେଉଁ ପଦାର୍ଥରେ ଯଥାକ୍ରମେ ଗ୍ଲାଇକୋସାଇଡ଼ିକ୍ ବନ୍ଧ ଏବଂ ପେପ୍‌ଟାଇଡ଼୍ ବନ୍ଧ ସେମାନଙ୍କର ଗଠନରେ ଥାଏ ଚିହ୍ନଟ କର :

(1) ଇନୁଲିନ୍, ଇନ୍‌ସୁଲିନ୍

(2) କାଇଟିନ୍, କୋଲେଷ୍ଟରଲ୍

(3) ଗ୍ଲିସେରଲ୍, ଟ୍ରାଇପିନ୍

(4) ସେଲୁଲୋଜ୍, ଲେସିଥିନ୍

**127.** ଆଖୁ ଶସ୍ୟରେ କେଉଁ ଉଦ୍ଭିଦ ବୃଦ୍ଧି ନିୟନ୍ତ୍ରକକୁ ଛିଞ୍ଚନ କରିଲେ ଆଖୁର କାଣ୍ଡର ଲମ୍ବ ବୃଦ୍ଧି ପାଏ ଏବଂ ଉତ୍ପାଦନ ମଧ୍ୟ ବୃଦ୍ଧି ପାଏ ?

(1) ଆବ୍‌ସିସିକ୍ ଏସିଡ୍

(2) ସାଇଟୋକାଇନିନ୍

(3) ଜିବରଲିନ

(4) ଏଥିଲିନ୍

**128.** ଏକତ୍ର ଭାବରେ ଥିବା ଅନ୍ତଃବିଷ୍ଟ ଶରୀର ଗୁଡ଼ିକ ସମ୍ବନ୍ଧୀୟ ନିମ୍ନଲିଖିତ କେଉଁ ଉକ୍ତିଟି **ସଠିକ୍ ନୁହେଁ** ?

(1) ସେଗୁଡ଼ିକ କୋଷ ଜୀବକରେ ସଂରକ୍ଷିତ ପଦାର୍ଥ ରୂପେ ନିଦର୍ଶନ ହୁଅନ୍ତି ।

(2) ସେମାନେ କୌଣସି ଝିଲ୍ଲୀ ଦ୍ୱାରା ଆବଦ୍ଧ ନଥାନ୍ତି ।

(3) ସେଗୁଡ଼ିକ ଖାଦ୍ୟକଣିକା ଗୁଡ଼ିକର ଆହରଣରେ ସଂଶ୍ଳିଷ୍ଟ ଥାଆନ୍ତି ।

(4) ସେମାନେ କୋଷ ଜୀବକରେ ମୁକ୍ତ ଭାବରେ ଥାଆନ୍ତି ।

**129.** ନିମ୍ନଲିଖିତ ମଧ୍ୟରୁ କେଉଁ ଅଞ୍ଚଳରେ ଭୂମଣ୍ଡଳର ସର୍ବାଧିକ ଜାତିର ବିବିଧତା ଦେଖାଯାଏ ?

(1) ଆମାଜନ୍ ଜଙ୍ଗଲ

(2) ଭାରତର ପଶ୍ଚିମଘାଟ ଅଞ୍ଚଳ

(3) ମାଡ଼ାଗାସ୍‌କର୍

(4) ହିମାଳୟ

**130.** ମେଣ୍ଡେଲ୍ କେତେ ପ୍ରକାରର ସୁଦ୍ଧ ପ୍ରଜନନକ୍ଷମ ମଟର ଗଛ ଯୋଡ଼ା ରୂପରେ ବାଛିଥିଲେ । ଯେଉଁ ଗୁଡ଼ିକ କେବଳ ଗୋଟିଏ ଲକ୍ଷଣକୁ ବାଦ୍ ଦେଇ ଅନ୍ୟ ବିକଳ୍ପୀ ଲକ୍ଷଣ ସହିତ ସମାନ ?

(1) 8

(2) 4

(3) 2

(4) 14

**131.** ରୋଗ ପ୍ରତିରୋଧକ ଶକ୍ତିକୁ ଆଧାର କରି **ଭୁଲ୍** ଉକ୍ତିଟି ଚିହ୍ନଟ କର :

(1) ଭ୍ରୂଣ ତା'ର ମା' ଠାରୁ କିଛି ପ୍ରତିପିଣ୍ଡ ଗ୍ରହଣ କରେ, ଏହା ପରୋକ୍ଷ ରୋଗ ପ୍ରତିରୋଧକ ଶକ୍ତର ଉଦାହରଣ ।

(2) ପ୍ରତିଜନ (ଜୀବନ୍ତ କିମ୍ବା ମୃତ)ର ସମ୍ପର୍କରେ ଆସିଲେ ପ୍ରତିପିଣ୍ଡଗୁଡ଼ିକ ପୋଷଦାତା ଶରୀରରେ ସୃଷ୍ଟି ହୁଏ । ଏହାକୁ ''ସକ୍ରିୟ ରୋଗ ପ୍ରତିରୋଧକ ଶକ୍ତି'' କୁହାଯାଏ ।

(3) ଯେତେବେଳେ ପ୍ରସ୍ତୁତ ହୋଇଥିବା ପ୍ରତିପିଣ୍ଡଗୁଡ଼ିକ ସିଧାସଳଖ ଦିଆଯାଏ, ଏହାକୁ ''ପରୋକ୍ଷ ରୋଗ ପ୍ରତିରୋଧକ ଶକ୍ତି'' ବୋଲି କୁହାଯାଏ ।

(4) ସକ୍ରିୟ ରୋଗ ପ୍ରତିରୋଧକ ଶକ୍ତି ବହୁତ ଶୀଘ୍ର କାର୍ଯ୍ୟ କରେ ଏବଂ ପୂର୍ଣ୍ଣ ପ୍ରଭାବ ପକାଏ ।

**132.** ନିମ୍ନୋକ୍ତ କେଉଁଟି ଜନସଂଖ୍ୟାର ଏକ ବିଶେଷ ଗୁଣ **ନୁହେଁ** ?

(1) ଜାତିମାନଙ୍କର ପାରସ୍ପରିକ କ୍ରିୟା

(2) ଲିଙ୍ଗୀୟ ଅନୁପାତ

(3) ଜନ୍ମହାର

(4) ମୃତ୍ୟୁହାର

**133.** ନିମ୍ନଲିଖିତ ମଧ୍ୟରୁ **ସଠିକ୍** ଯୋଡ଼ାଟିକୁ ବାଛ :

(1) ଏକସୋନିଉକ୍ଲିଏଜେସ୍ - DNA ମଧ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ଅଂଶରେ ଛେଦନ କରେ

(2) ଲାଇଗେଜ୍ - ଦୁଇଟି DNA ଅଣୁକୁ ଯୋଡ଼େ

(3) ପଲିମେରେଜେସ୍ - DNA କୁ ଛୋଟ ଛୋଟ ଅଂଶରେ ଭାଙ୍ଗେ

(4) ନିୟୁକ୍ଲିଏଜେସ୍ - ଦୁଇଟି DNA ଷ୍ଟ୍ରାଣ୍ଡ ପୃଥକ୍ କରେ

**134.** ନିମ୍ନଲିଖିତ କେଉଁ ପ୍ରକ୍ରିୟା ପାଇଁ ଜଳ ତରଳୀୟ ଅବସ୍ଥାରେ ଘାସର ପତ୍ରର ଅଗ୍ରଭାଗରୁ ରାତିରେ ଏବଂ ପ୍ରାତଃ ସକାଳେ କ୍ଷରିତ ହୁଏ :

(1) ପ୍ଲାଜମୋଲିସିସ୍

(2) ଉସ୍ବେଦନ

(3) ମୂଳଜ ଚାପ

(4) ଇମ୍ବାଇବେସନ୍

**135.** ନିମ୍ନଲିଖିତ ମଧ୍ୟରୁ କେଉଁ ନିରୋଧକାରୀ ଉପାଦାନଟି ମଞ୍ଜିର ପ୍ରସୁପ୍ତିକୁ ନିୟନ୍ତ୍ରଣ କରେ **ନାହିଁ** ?

(1) ପାରା-ଆସକରବିକ୍ ଏସିଡ୍

(2) ଜିବରଲିକ୍ ଏସିଡ୍

(3) ଆବ୍ସିସିକ୍ ଏସିଡ୍

(4) ଫେନୋଲିକ୍ ଏସିଡ୍

**136.** ନିମ୍ନ ଲିଖିତକୁ ମିଳାଅ ଏବଂ **ସଠିକ୍** ବିକଳ୍ପକୁ ଚିହ୍ନାଅ

| | | | |
|---|---|---|---|
| (a) | $CO(g) + H_2(g)$ | (i) | $Mg(HCO_3)_2 + Ca(HCO_3)_2$ |
| (b) | ଜଳର ଅସ୍ଥାୟୀ ଖରତ୍ୱ | (ii) | ଏକ ଇଲେକ୍ଟ୍ରନ୍ ଅଭାବଯୁକ୍ତ ହାଇଡ୍ରାଇଡ୍ |
| (c) | $B_2H_6$ | (iii) | ସଂଶ୍ଲେଷଣ ଗ୍ୟାସ୍ |
| (d) | $H_2O_2$ | (iv) | ନନ୍ ପ୍ଲାନାର ସଂରଚନା |

| | (a) | (b) | (c) | (d) |
|---|---|---|---|---|
| (1) | (i) | (iii) | (ii) | (iv) |
| (2) | (iii) | (i) | (ii) | (iv) |
| (3) | (iii) | (ii) | (i) | (iv) |
| (4) | (iii) | (iv) | (ii) | (i) |

**137.** ଟରସିୟାରି ବ୍ୟୁଟାଇଲ୍ କାରବୋକ୍ୟାଟାୟନ୍, ସେକେଣ୍ଡାରି ବ୍ୟୁଟାଇଲ୍ କାରବୋକ୍ୟାଟାୟନ୍ ଠାରୁ ଅଧିକ ସ୍ଥାୟୀ, ନିମ୍ନଲିଖିତ କେଉଁ କାରଣ ପାଇଁ ?

(1) ହାଇପର କନ୍ଜୁଗେସନ୍

(2) $-CH_3$ ଗ୍ରୁପ୍‌ର $-I$ ପ୍ରଭାବ ଯୋଗୁଁ

(3) $-CH_3$ ଗ୍ରୁପ୍‌ର $+R$ ପ୍ରଭାବ ଯୋଗୁଁ

(4) $-CH_3$ ଗ୍ରୁପ୍‌ର $-R$ ପ୍ରଭାବ ଯୋଗୁଁ

**138.** ନିମ୍ନଲିଖିତ ପ୍ରତିକ୍ରିୟାଟିରେ କାର୍ବନ୍‌ର ଜାରଣ ଅବସ୍ଥାର ପରିବର୍ତ୍ତନଟି କ'ଣ ?

$CH_4(g) + 4Cl_2(g) \rightarrow CCl_4(l) + 4HCl(g)$

(1) 0 to $-4$

(2) $+4$ to $+4$

(3) 0 to $+4$

(4) $-4$ to $+4$

**139.** ସୁକ୍ରୋଜ୍ ଜଳଅପଘଟନ ଦ୍ୱାରା ଦିଏ :

(1) ଆଲ୍‌ଫା-D-ଫ୍ରୁକ୍ଟୋଜ୍ + ବିଟା-D-ଫ୍ରୁକ୍ଟୋଜ୍

(2) ବିଟା-D-ଗ୍ଲୁକୋଜ୍ + ଆଲ୍‌ଫା-D-ଫ୍ରୁକ୍ଟୋଜ୍

(3) ଆଲ୍‌ଫା-D-ଗ୍ଲୁକୋଜ୍ + ବିଟା-D-ଗ୍ଲୁକୋଜ୍

(4) ଆଲ୍‌ଫା-D-ଗ୍ଲୁକୋଜ୍ + ବିଟା-D-ଫ୍ରୁକ୍ଟୋଜ୍

**140.** $Cr^{2+}$ ଆୟନ୍‌ର ବିଚାରିତ ସ୍ପିନ୍ ଓନ୍‌ଲି ଚୁମ୍ବକୀୟ ଆଘୂର୍ଣ୍ଣ ହେଉଛି,

(1) 2.84 BM

(2) 3.87 BM

(3) 4.90 BM

(4) 5.92 BM

**141.** କେଉଁ ଅଣୁଟିର ଅସ୍ତିତ୍ୱ **ନାହିଁ**, ଚିହ୍ନାଅ :

(1) $O_2$

(2) $He_2$

(3) $Li_2$

(4) $C_2$

**142.** ନିମ୍ନରେ ଦିଆଯାଇଥିବା ସଲ୍‌ଫର୍‌ର ଅକ୍ସୋଏସିଡ୍ ମଧ୍ୟରୁ କେଉଁଥିରେ $-O-O-$ ସଂଯୋଗ ଥାଏ ?

(1) $H_2S_2O_7$, ପାଇରୋ ସଲ୍‌ଫ୍ୟୁରିକ୍ ଅମ୍ଳ

(2) $H_2SO_3$, ସଲ୍‌ଫରସ୍ ଅମ୍ଳ

(3) $H_2SO_4$, ସଲ୍‌ଫ୍ୟୁରିକ୍ ଅମ୍ଳ

(4) $H_2S_2O_8$, ପେରୋକ୍ସୋଡ଼ାଇସଲ୍‌ଫ୍ୟୁରିକ୍ ଅମ୍ଳ

**143.** ନିମ୍ନରେ ପ୍ରଦତ୍ତ ଲିଗାଣ୍ଡମାନଙ୍କର ଉପସହସଂଯୋଜୀ ଯୌଗିକ ଗଠନ ପାଇଁ କ୍ଷେତ୍ରୀୟ ବଳର **ସଠିକ୍** ବର୍ଦ୍ଧିଷ୍ଣୁ କ୍ରମ କେଉଁଟି ?

(1) $CN^- < C_2O_4^{2-} < SCN^- < F^-$

(2) $SCN^- < F^- < C_2O_4^{2-} < CN^-$

(3) $SCN^- < F^- < CN^- < C_2O_4^{2-}$

(4) $F^- < SCN^- < C_2O_4^{2-} < CN^-$

**144.** ଗଳିତ $CaCl_2$ ରୁ 20 g Ca ପ୍ରସ୍ତୁତି ପାଇଁ ଦରକାରୀ ଫାରାଡ଼େଜ୍(F) ର ସଂଖ୍ୟା ହେଉଛି :

(Ca-ପରମାଣବିକ ବସ୍ତୁତ୍ୱ $= 40\ g\ mol^{-1}$)

(1) 4

(2) 1

(3) 2

(4) 3

**145.** ଏସିଟୋନ୍ ଏବଂ ମିଥାଇଲ୍ ମ୍ୟାଗ୍ନେସିୟମ୍ କ୍ଲୋରାଇଡ଼୍‌ର ପ୍ରତିକ୍ରିୟା ପରେ ଜଳ ଅପଘଟନ କଲେ ଦିଏ :

(1) ଆଇସୋବ୍ୟୁଟାୟିଲ୍ ଆଲ୍‌କୋହଲ

(2) ଆଇସୋପ୍ରୋପାୟିଲ୍ ଆଲ୍‌କୋହଲ

(3) ସେକେଣ୍ଡାରି ବ୍ୟୁଟାୟିଲ୍ ଆଲ୍‌କୋହଲ୍

(4) ଟରସିୟାରି ବ୍ୟୁଟାୟିଲ୍ ଆଲକୋହଲ୍

**146.** ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ କାଟାୟୋନିକ୍ ଅପମାର୍ଜକ ?

(1) ସୋଡ଼ିୟମ୍ ଡୋଡେକାୟିଲ୍ ବେନ୍‌ଜିନ୍ ସଲ୍‌ଫୋନେଟ୍

(2) ସୋଡ଼ିୟମ୍ ଲରିଲ୍ ସଲ୍‌ଫେଟ୍

(3) ସୋଡ଼ିୟମ୍ ଷ୍ଟିରେଟ୍

(4) ସିଟାୟିଲ୍‌ଟ୍ରାଇମିଥାୟିଲ୍ ଏମୋନିୟମ୍ ବ୍ରୋମାଇଡ଼୍

**147.** **ଭୁଲ୍** ଉକ୍ତିଟିକୁ ଚିହ୍ନାଅ ।

(1) $CrO_4^{2-}$ ଏବଂ $Cr_2O_7^{2-}$ ରେ କ୍ରୋମିୟମ୍‌ର ଜାରଣ ଅବସ୍ଥା ଏକା ନୁହେଁ ।

(2) ଜଳରେ ଥିବା $Fe^{2+}(d^6)$ ଅପେକ୍ଷା $Cr^{2+}(d^4)$ ଏକ ବଳଶାଳୀ ବିଜାରକ ।

(3) ସଂକ୍ରମଣ ଧାତୁ (ଟ୍ରାଞ୍ଜିସନ୍ ମେଟାଲ) ଏବଂ ସେମାନଙ୍କର ଯୌଗିକଗୁଡ଼ିକ ସେମାନଙ୍କର ଉତ୍‌ପ୍ରେରୀୟ(କାଟାଲିଟିକ୍) ସକ୍ରିୟତା ଯୋଗୁ ପରିଚିତ ଯେହେତୁ ସେମାନେ ବହୁବିଧ ଜାରଣ ଅବସ୍ଥା ଗ୍ରହଣ କରିବା କ୍ଷମତା ରଖି ସଂକୁଳ ଗଠନ କରନ୍ତି ।

(4) ଆଭ୍ୟନ୍ତରୀଣ ଟ୍ରାଞ୍ଜିସନ୍ ଯୌଗିକ ମାନେ ହେଉଛନ୍ତି, ଯେଉଁମାନେ ଧାତୁର ଦାନାଜାଲକ ମଧ୍ୟରେ ଛୋଟ ପରମାଣୁ ଯଥା H, C କିମ୍ବା N କୁ ଫାନ୍ଦିକି ରଖନ୍ତି ।

**148.** ଉର୍ଜ୍ ପ୍ରତିକ୍ରିୟା ଦ୍ୱାରା କେଉଁ ଆଲ୍‌କେନ୍‌ଟି ଭଲ ପରିମାଣରେ ତିଆରି କରି ହୁଏନି ?

(1) ଏନ୍-ବ୍ୟୁଟେନ୍

(2) ଏନ୍-ହେକ୍ସେନ୍

(3) 2,3-ଡ଼ାଇମିଥାୟିଲ୍ ବ୍ୟୁଟେନ୍

(4) ଏନ୍-ହେପ୍ଟେନ୍

**149.** ୟୁରିଆ ଜଳ ସହିତ ପ୍ରକ୍ରିୟା କରି **A** ଗଠନ କରେ ଯାହାକି ବିଘଟନ ହୋଇ **B** ଦିଏ । **B** କୁ $Cu^{2+}$ (ଜଳୀୟ) ଭିତର ଦେଇ ପ୍ରବାହିତ କଲେ ଗାଢ ନୀଳ ରଙ୍ଗର ଦ୍ରବଣ **C** ପ୍ରସ୍ତୁତ ହୁଏ । **C**ର ସଙ୍କେତଟି ନିମ୍ନରୁ କେଉଁଟି ?

(1) $CuCO_3 \cdot Cu(OH)_2$

(2) $CuSO_4$

(3) $[Cu(NH_3)_4]^{2+}$

(4) $Cu(OH)_2$

**150.** ବେନ୍‌ଜିନ୍‌ର ହିମାଙ୍କର ଅବନମନ ସ୍ଥିରାଙ୍କ $(K_f)$ $5.12\ K\ kg\ mol^{-1}$. ନନ୍ ଇଲେକ୍ଟ୍ରୋଲିଟିକ୍ ଦ୍ରାବଯୁକ୍ତ ବେନ୍‌ଜିନ୍‌ର 0.078 m ମୋଲାଲିଟିର ଏକ ଦ୍ରବଣର ହିମାଙ୍କର ଅବନମନ ହେଉଛି, (ଦୁଇ ଦଶମିକ ସ୍ଥାନ ପର୍ଯ୍ୟନ୍ତ ନିକଟତର) :

(1) 0.60 K

(2) 0.20 K

(3) 0.80 K

(4) 0.40 K

**151.** $^{175}_{71}Lu$ ରେ ଥିବା ପ୍ରୋଟୋନ୍, ନିଉଟ୍ରନ୍ ଏବଂ ଇଲେକ୍ଟ୍ରନ୍‌ର ସଂଖ୍ୟା ଯଥାକ୍ରମେ :

(1) 175, 104 ଏବଂ 71

(2) 71, 104 ଏବଂ 71

(3) 104, 71 ଏବଂ 71

(4) 71, 71 ଏବଂ 104

**152.** ନିମ୍ନଲିଖିତ ପ୍ରତିକ୍ରିୟା ଗୁଡ଼ିକର ଅନୁକ୍ରମ ମଧ୍ୟରେ ଯୌଗିକ X କୁ ଚିହ୍ନାଅ :



(1) 

(2) 

(3) 

(4) 

**153.** ନିମ୍ନରୁ **ସଠିକ୍** ଉକ୍ତିଟିକୁ ଚିହ୍ନାଅ ।

(1) ପିଗ୍ ଆଇରନ୍‌କୁ ବିଭିନ୍ନ ପ୍ରକାର ଛାଞ୍ଚର ଆକାର ଦେଇ ହୁଏ ।

(2) ରଟ୍ ଆଇରନ୍ 4% କାର୍ବନ୍ ଥିବା ଏକ ଅଶୁଦ୍ଧ ଆଇରନ୍ ।

(3) ବ୍ଲିଷ୍ଟର କପରରୁ କାର୍ବନ୍ ଡ଼ାଇଅକ୍ସାଇଡ୍ ନିର୍ଗତ ହେବା ଯୋଗୁଁ ବାହ୍ୟ ରୂପଟି ଫୋଟକା ପରି ।

(4) ଭାନ୍ ଅର୍କେଲ୍ ପଦ୍ଧତିରେ ନିକେଲ୍‌ର ବାଷ୍ପ ପ୍ରାବସ୍ଥା (ଭେପର ଫେଜ୍) ପରିଷ୍କରଣ କରାଯାଏ ।

**154.** ନିମ୍ନଲିଖିତ ଅଣୁଗୁଡ଼ିକର ଗୁଚ୍ଛରୁ କାହାର ଦ୍ୱିମେରୁ ଆଘୂର୍ଣ୍ଣ ଶୂନ୍ୟ ଅଟେ ?

(1) ବୋରୋନ୍ ଟ୍ରାଇଫ୍ଲୋରାଇଡ୍, ବେରିଲିୟମ୍ ଡ଼ାଇଫ୍ଲୋରାଇଡ୍, କାରବନ୍ ଡ଼ାଇଅକ୍ସାଇଡ୍, 1,4-ଡ଼ାଇକ୍ଲୋରୋବେନ୍‌ଜିନ୍

(2) ଏମୋନିଆ, ବେରିଲିୟମ୍ ଡ଼ାଇ ଫ୍ଲୋରାଇଡ୍, ଜଳ, 1,4-ଡ଼ାଇକ୍ଲୋରୋବେନ୍‌ଜିନ୍

(3) ବୋରୋନ୍ ଟ୍ରାଇଫ୍ଲୋରାଇଡ୍, ହାଇଡ୍ରୋଜେନ୍ ଫ୍ଲୋରାଇଡ୍, କାରବନ୍ ଡ଼ାଇଅକ୍ସାଇଡ୍, 1,3-ଡ଼ାଇକ୍ଲୋରୋବେନ୍‌ଜିନ୍

(4) ନାଇଟ୍ରୋଜେନ୍ ଟ୍ରାଇଫ୍ଲୋରାଇଡ୍, ବେରିଲିୟମ୍ ଡ଼ାଇଫ୍ଲୋରାଇଡ୍, ଜଳ, 1,3-ଡ଼ାଇକ୍ଲୋରୋବେନ୍‌ଜିନ୍

**155.** ପେପର୍ ବର୍ଣ୍ଣ ଲେଖିକୀ (କ୍ରୋମାଟୋଗ୍ରାଫି)ର ଏକ ଉଦାହରଣ :

(1) କଲମ୍ ବର୍ଣ୍ଣ ଲେଖିକୀ (କ୍ରୋମାଟୋଗ୍ରାଫି)

(2) ଅଧିଶୋଷଣ (କ୍ରୋମାଟୋଗ୍ରାଫି) ବର୍ଣ୍ଣ ଲେଖିକୀ

(3) ବିଭାଜନ (କ୍ରୋମାଟୋଗ୍ରାଫି) ବର୍ଣ୍ଣ ଲେଖିକୀ

(4) ପତଳା ସ୍ତର (କ୍ରୋମାଟୋଗ୍ରାଫି) ବର୍ଣ୍ଣ ଲେଖିକୀ

**156.** **ଭୁଲ୍** ମେଳକଟି ଚିହ୍ନାଅ :

| | ନାମ | | ଆୟୁପିଏସି ଅଫିସିଏଲ ନାମ |
|---|---|---|---|
| (a) | ଉନ୍ନିଲ୍ ୟୁନିୟମ୍ | (i) | ମେଣ୍ଡେଲିଭିୟମ୍ |
| (b) | ଉନ୍ନିଲ୍ ଟ୍ରିୟମ୍ | (ii) | ଲରେନ୍‌ସିୟମ୍ |
| (c) | ଉନ୍ନିଲ୍ ହେକ୍ସିୟମ୍ | (iii) | ସିବୋରଜିୟମ୍ |
| (d) | ଉନ୍ନୁନ୍‌ୟୁନିୟମ୍ | (iv) | ଡର୍ମଷ୍ଟାଡ୍‌ସିୟମ୍ |

(1) (d), (iv)

(2) (a), (i)

(3) (b), (ii)

(4) (c), (iii)

**157.** $Ni(OH)_2$ ର ଆୟୋନିକ୍ ପ୍ରଡ଼କ୍ଟ $2\times10^{-15}$ ହେଲେ, 0.1 M NaOHରେ $Ni(OH)_2$ର ଦ୍ରବଣୀୟତା କେତେ ?

(1) $1\times10^{8}$ M

(2) $2\times10^{-13}$ M

(3) $2\times10^{-8}$ M

(4) $1\times10^{-13}$ M

**158.** ନିମ୍ନ ମଧ୍ୟରୁ କେଉଁଟି ଏକ ପ୍ରାକୃତିକ ବହୁଳକ ?

(1) ପଲି (ବ୍ୟୁଟାଡ଼ାଇନ୍-ଏକ୍ରିଲୋନାଇଟ୍ରାଇଲ୍)

(2) *ସିସ୍*-1,4-ପଲିଆଇସୋପ୍ରିନ୍

(3) ପଲି (ବ୍ୟୁଟାଡ଼ାଇନ୍-ଷ୍ଟାଇରିନ୍)

(4) ପଲି ବ୍ୟୁଟାଡାଇନ୍

**159.** ବେନ୍‌ଜାଲଡ଼ିହାଇଡ୍ ଏବଂ ଏସିଟୋଫିନୋନ୍‌ର ଲଘୁ NaOH ଉପସ୍ଥିତିରେ ହେଉଥିବା ଜଣାଶୁଣା ପ୍ରତିକ୍ରିୟାଟି :

(1) କ୍ରସ୍ ଆଲ୍‌ଡ଼ୋଲ୍ ସଂଘନନ

(2) ଆଲଡ଼ୋଲ ସଂଘନନ

(3) କାନିଜାରୋ'ସ୍ ପ୍ରତିକ୍ରିୟା

(4) କ୍ରସ୍ କାନିଜାରୋ'ସ୍ ପ୍ରତିକ୍ରିୟା

**160.** ଏକ ଦ୍ରବଣ ଯାହା ରାଉଲ୍ଟ'ସ୍‌ଙ୍କ ନିୟମ ଠାରୁ ଧନାତ୍ମକ ବିଚଳନ ଦେଖାଏ :

(1) କ୍ଲୋରୋଇଥେନ୍ + ବ୍ରୋମୋଇଥେନ୍

(2) ଇଥାନଲ୍ + ଏସିଟୋନ୍

(3) ବେନ୍‌ଜିନ୍ + ଟଲ୍ୟୁଇନ୍

(4) ଏସିଟୋନ + କ୍ଲୋରୋଫର୍ମ

**161.** ଏକ ପ୍ରଥମ କ୍ରମ ପ୍ରତିକ୍ରିୟାର ହାର ସ୍ଥିରାଙ୍କ $4.606 \times 10^{-3}\ s^{-1}$। 2.0 g ପ୍ରତିକାରକକୁ 0.2 g କୁ ହ୍ରାସ କରିବା ପାଇଁ ଦରକାରୀ ସମୟ ହେଉଛି :

(1) 1000 s

(2) 100 s

(3) 200 s

(4) 500 s

**162.** HCl କୁ $CaCl_2$, $MgCl_2$ ଏବଂ NaCl ର ଦ୍ରବଣ ଭିତର ଦେଇ ପ୍ରବାହିତ କଲେ ନିମ୍ନଲିଖିତ ମଧ୍ୟରୁ କେଉଁ ଯୌଗିକ(ଗୁଡ଼ିକ) ଦାନା ଧାରଣ କରିବ ?

(1) NaCl, $MgCl_2$ ଏବଂ $CaCl_2$

(2) $MgCl_2$ ଏବଂ $CaCl_2$ ଉଭୟ

(3) କେବଳ NaCl

(4) କେବଳ $MgCl_2$

**163.** ଏକ ଆଦର୍ଶ ଗ୍ୟାସ୍‌ର ରୁଦ୍ଧତାପୀୟ (ଏଡ଼ିଆବାଟିକ୍) ସର୍ତ୍ତରେ ମୁକ୍ତ ପ୍ରସାରଣ ପାଇଁ ସଠିକ୍ ବିକଳ୍ପଟି ହେଉଛି :

(1) $q > 0, \Delta T > 0$ ଏବଂ $w > 0$

(2) $q = 0, \Delta T = 0$ ଏବଂ $w = 0$

(3) $q = 0, \Delta T < 0$ ଏବଂ $w > 0$

(4) $q < 0, \Delta T = 0$ ଏବଂ $w = 0$

**164.** **ସଠିକ୍** ଉକ୍ତିକୁ ନିମ୍ନରୁ ବାଛ :

(a) $CO_2(g)$ ଆଇସ୍‌କ୍ରିମ୍ ଏବଂ ସଂରକ୍ଷିତ ଖାଦ୍ୟ ପାଇଁ ଏକ ପ୍ରଶୀତକ (ରେଫ୍ରିଜିରାଣ୍ଟ) ଭାବେ ବ୍ୟବହୃତ ହୁଏ ।

(b) $C_{60}$ ର ସଂରଚନାରେ ବାରଟି ଛ-ଟିକିଆ କାର୍‌ବନ୍ ବୃତ୍ତ ଏବଂ କୋଡ଼ିଏଟି ପାଞ୍ଚ-ଟିକିଆ କାରବନ୍ ବୃତ୍ତ ଅଛି ।

(c) ZSM-5 ଏକ ପ୍ରକାର ଜିଓଲାଇଟ୍ ଯାହା ଆଲକୋହଲ୍‌କୁ ଗ୍ୟାସୋଲିନ୍‌ରେ ପରିଣତ କରାଏ ।

(d) କାର୍ବନ୍ ମନୋକ୍ସାଇଡ୍ ଏକ ରଙ୍ଗହୀନ, ଗନ୍ଧହୀନ ଗ୍ୟାସ୍ ।

(1) (c) ଏବଂ (d) କେବଳ

(2) (a), (b) ଏବଂ (c) କେବଳ

(3) (a) ଏବଂ (c) କେବଳ

(4) (b) ଏବଂ (c) କେବଳ

**165.** ନିମ୍ନଲିଖିତ ପ୍ରତିକ୍ରିୟାଟିରେ ସୁକ୍ରୋଜ୍‌ର ଜଳ ଅପଘଟନ ଦିଆଯାଇଛି । ସୁକ୍ରୋଜ୍ $+ H_2O \rightleftharpoons$ ଗ୍ଲୁକୋଜ୍ + ଫ୍ରୁକ୍ଟୋଜ୍ ଯଦି ସାମ୍ୟଧ୍ରୁବକ ($K_c$) 300 Kରେ $2 \times 10^{13}$ ହୁଏ $\Delta_r G^{\ominus}$ର ମୂଲ୍ୟ ସମାନ ଉତ୍ତାପରେ ହେବ :

(1) $-8.314\ J\ mol^{-1} K^{-1} \times 300\ K \times \ln(4 \times 10^{13})$

(2) $-8.314\ J\ mol^{-1} K^{-1} \times 300\ K \times \ln(2 \times 10^{13})$

(3) $8.314\ J\ mol^{-1} K^{-1} \times 300\ K \times \ln(2 \times 10^{13})$

(4) $8.314\ J\ mol^{-1} K^{-1} \times 300\ K \times \ln(3 \times 10^{13})$

**166.** ନିମ୍ନଲିଖିତ କେଉଁ ଆମିନ୍‌ଟି କାରବାୟିଲ୍‌ଆମିନ୍ ପରୀକ୍ଷା ଦିଏ ?

(1) 


(2) 


(3) 


(4) 

**167.** ଏକ ଆଲ୍‌କିନ୍‌ର ଓଜୋନୋଲିସିସ୍‌ରେ ମିଥାନାଲ୍ ଏକ ଉତ୍ପାଦ ଭାବେ ଦିଏ । ଏହାର ସଂରଚନାଟି :

(1) 


(2) 


(3) 


(4) 


**168.** ଏନିସୋଲ୍‌କୁ HI ସହିତ ବିଭାଜନ କଲେ ଦିଏ :

(1) 

$+ C_2H_5OH$

(2) 

$+ CH_3I$

(3) 

$+ CH_3OH$

(4) 

$+ C_2H_5I$

**169.** 2-ବ୍ରୋମୋପେଣ୍ଟେନ୍‌ର ଏଲିମିନେସନ୍ ପ୍ରତିକ୍ରିୟାରୁ ପେଣ୍ଟ-2-ଇନ୍ ପ୍ରସ୍ତୁତ ହୁଏ । ଏହା :

(a) ବିଟା-ଏଲିମିନେସନ୍ ପ୍ରତିକ୍ରିୟା

(b) ଜେଟ୍‌ସେଭ୍ ନିୟମ ଅନୁକରଣ କରେ

(c) ଡ଼ିହାଇଡ୍ରୋହାଲୋଜିନେସନ୍ ପ୍ରତିକ୍ରିୟା

(d) ନିର୍ଜଳୀକରଣ ପ୍ରତିକ୍ରିୟା

(1) (a), (b), (d)

(2) (a), (b), (c)

(3) (a), (c), (d)

(4) (b), (c), (d)

**170.** ଏକ ପ୍ରତିକ୍ରିୟାରେ ପ୍ରତିକାରକ ଗୁଡ଼ିକର ସାନ୍ଦ୍ରତା ବୃଦ୍ଧି ଯୋଗୁଁ ହେଉଥିବା ପରିବର୍ତ୍ତନ :

(1) ସଂଘାତ ଆବୃତ୍ତି

(2) ସକ୍ରିୟଣ ଶକ୍ତି

(3) ହିଟ୍ ଅଫ୍ ରିଏକ୍‌ସନ୍

(4) ପ୍ରଭାବସୀମା ଶକ୍ତି

**171.** ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ କ୍ଷାରୀୟ ଆମିନୋ ଏସିଡ୍ ?

(1) ଲାଇସିନ୍

(2) ସେରିନ୍

(3) ଆଲାନିନ୍

(4) ଟାଇରୋସିନ୍

**172.** ନିମ୍ନ ଲିଖିତ ଧାତୁର ଆୟନ ଗୁଡ଼ାଏ ଏନ୍‌ଜାଇମ୍‌କୁ ସକ୍ରିୟ କରାଏ, ଗ୍ଲୁକୋଜର ଜାରଣରେ ଭାଗ ନେଇ ATP ପ୍ରସ୍ତୁତ କରେ ଏବଂ ସୋଡ଼ିୟମ୍ ସହିତ ସ୍ନାୟୁ ସିଗ୍‌ନାଲ୍ ପ୍ରେରଣ ପାଇଁ ଦାୟୀ ।

(1) ପଟାସିୟମ୍

(2) ଆଇରନ୍

(3) କପର୍

(4) କ୍ୟାଲ୍‌ସିୟମ୍

**173.** $2Cl(g) \rightarrow Cl_2(g)$ ପ୍ରତିକ୍ରିୟାଟିର **ସଠିକ୍** ବିକଳ୍ପଟି ହେଉଛି :

(1) $\Delta_rH < 0$ and $\Delta_rS < 0$

(2) $\Delta_rH > 0$ and $\Delta_rS > 0$

(3) $\Delta_rH > 0$ and $\Delta_rS < 0$

(4) $\Delta_rH < 0$ and $\Delta_rS > 0$

**174.** ନିମ୍ନଲିଖିତକୁ ମିଳାଅ :

| | **ଅକ୍ସାଇଡ଼** | | **ଗୁଣ** |
|---|---|---|---|
| (a) | କାର୍ବନ୍‌ମନୋକ୍ସାଇଡ଼୍ | (i) | କ୍ଷାରୀୟ |
| (b) | ବେରିୟମ୍ ଅକ୍ସାଇଡ଼୍ | (ii) | ପ୍ରଶମନୀ (ନିୟୁଟ୍ରାଲ) |
| (c) | ଆଲୁମିନିୟମ ଅକ୍ସାଇଡ଼୍ | (iii) | ଅମ୍ଳୀୟ |
| (d) | $Cl_2O_7$ , ଡ଼ାଇକ୍ଲୋରୋ ହେପ୍ଟୋକ୍ସାଇଡ଼୍ | (iv) | ଉଭୟ ଧର୍ମୀ |

**ସଠିକ୍** ବିକଳ୍ପକୁ ନିମ୍ନରୁ ବାଛ ।

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (iii) | (ii) | (i) |
| (2) | (i) | (ii) | (iii) | (iv) |
| (3) | (ii) | (i) | (iv) | (iii) |
| (4) | (iii) | (iv) | (i) | (ii) |

**175.** କଲୟଡ଼ାଲ୍ ଦ୍ରବଣର କେଉଁ ଗୁଣ ନିରୂପଣ ପାଇଁ ଜେଟା ପୋଟେନ୍‌ସିଏଲ ମାପିବା ଦରକାର ?

(1) କଲୟଡ଼୍ କଣିକା ଗୁଡ଼ିକର ଆକାର

(2) ଶ୍ୟାନତା

(3) ଦ୍ରବଣୀୟତା

(4) କଲୟପଲ୍ କଣିକାଗୁଡ଼ିକର ସ୍ଥିରତା

**176.** ଏକ ସିଲିଣ୍ଡର $N_2$ ଏବଂ Ar ଗ୍ୟାସ୍‌ର ମିଶ୍ରଣରେ 7 g $N_2$ ଏବଂ 8 g Ar ଅଛି । ଯଦି ସିଲିଣ୍ଡରରେ ଥିବା ଗ୍ୟାସ୍ ମିଶ୍ରଣର ସମଗ୍ର ଚାପ 27 ବାର ହୁଏ, $N_2$ର ଆଂଶିକ ଚାପ ହେଉଛି :

[ବ୍ୟବହାର କର : ପରମାଣବିକ ବସ୍ତୁତ୍ୱ (in g $mol^{-1}$) : N = 14, Ar = 40]

(1) 18 bar

(2) 9 bar

(3) 12 bar

(4) 15 bar

**177.** କାରବନ୍ ମନୋକ୍ସାଇଡ଼୍ ବିଷୟରେ ନିମ୍ନପ୍ରଦତ୍ତ କେଉଁଟି **ଠିକ୍ ନୁହେଁ** ?

(1) ଏହା ଅସମ୍ପୂର୍ଣ୍ଣ ଦହନ ଦ୍ୱାରା ପ୍ରସ୍ତୁତ ହୁଏ ।

(2) ଏହା କାରବୋକ୍ସି ହେମୋଗ୍ଲୋବିନ୍ ତିଆରି କରେ ।

(3) ଏହା ରକ୍ତର ଅକ୍ସିଜେନ୍ ବହନ କରିବା କ୍ଷମତା ହ୍ରାସ କରାଏ ।

(4) କାରବୋକ୍ସି ହେମୋଗ୍ଲୋବିନ୍ (CO ସଂଯୁକ୍ତ ହେମୋଗ୍ଲୋବିନ୍) ଅକ୍ସିହେମୋଗ୍ଲୋବିନ୍ ଠାରୁ ଅସ୍ଥିର ।

**178.** ବଡ଼ି ସେଣ୍ଟର୍ଡ଼ କ୍ୟୁବିକ୍ (bcc) ସଂରଚନା ଥିବା ଏକ ମୌଳିକର କୋଷଧାର 288 pm ହେଲେ, ଏହାର ପରମାଣବିକ ବ୍ୟାସାର୍ଦ୍ଧ ହେଉଛି :

(1) $\frac{4}{\sqrt{2}} \times 288$ pm

(2) $\frac{\sqrt{3}}{4} \times 288$ pm

(3) $\frac{\sqrt{2}}{4} \times 288$ pm

(4) $\frac{4}{\sqrt{3}} \times 288$ pm

**179.** ନିମ୍ନଲିଖିତ ମଧ୍ୟରୁ କାହାର ସର୍ବାଧିକ ସଂଖ୍ୟାର ପରମାଣୁ ଅଛି ?

(1) 1 g of Li(s) [Li-ପରମାଣବିକ ବସ୍ତୁତ୍ୱ = 7]

(2) 1 g of Ag(s) [Ag-ପରମାଣବିକ ବସ୍ତୁତ୍ୱ = 108]

(3) 1 g of Mg(s) [Mg-ପରମାଣବିକ ବସ୍ତୁତ୍ୱ = 24]

(4) 1 g of $O_2$(g) [O-ପରମାଣବିକ ବସ୍ତୁତ୍ୱ = 16]

**180.** ଲଘୁ ସଲ୍‌ଫ୍ୟୁରିକ୍ ଅମ୍ଳକୁ ପ୍ଲାଟିନମ୍ (Pt) ଇଲେକ୍ଟ୍ରୋଡ଼୍ ବ୍ୟବହାର କରି ବିଦ୍ୟୁତ୍ ବିଶ୍ଳେଷଣ କଲେ, ଏନୋଡ଼ରେ ମିଳୁଥିବା ଉତ୍ପାଦଟି ହେଉଛି :

(1) ସଲ୍‌ଫର ଡ଼ାଇଅକ୍ସାଇଡ଼୍ ଗ୍ୟାସ୍

(2) ହାଇଡ୍ରୋଜେନ୍ ଗ୍ୟାସ୍

(3) ଅକ୍ସିଜେନ୍ ଗ୍ୟାସ୍

(4) ହାଇଡ୍ରୋଜେନ୍ ସଲ୍‌ଫାଇଡ଼୍ ଗ୍ୟାସ୍

- o 0 o -

## Space For Rough Work / ରଫ୍ କାର୍ଯ୍ୟ ପାଇଁ ସ୍ଥାନ

## Space For Rough Work / ରଫ୍ କାର୍ଯ୍ୟ ପାଇଁ ସ୍ଥାନ